

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୭ ଏପ୍ରିଲ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 APRIL 2024
Vol.No. 35 ■ No.94 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଭାରତର ନିର୍ବାଚନରେ ବିଭ୍ରାଟ କରିବାକୁ ଚାଇନାର ମସୁଧା

ନୂଆଦିଲ୍ଲୀ, ୦୬/୪ : ଭାରତ ସମେତ ଆମେରିକା ଓ ଦକ୍ଷିଣ କୋରିଆରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଭ୍ରାଟ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି ଚାଇନା। କୃତ୍ରିମ ଗୁଇନ୍ଦା ବା ଏଆଇ ଦ୍ୱାରା ବିଭିନ୍ନ ବିଷୟବସ୍ତୁ ତିଆରି କରି ନିର୍ବାଚନକୁ ପ୍ରଭାବିତ କରିବା ଯୋଜନାରେ ବେଜିଂ। ଏଭଳି କିଛି ଚେତାବନୀ ବିଲ ଗେଟ୍ସଙ୍କ ମାଇକ୍ରୋସଫ୍ଟ ଜାରି କରିଛି। ତାଇୱାନର ରାଷ୍ଟ୍ରପତି ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବା ପାଇଁ ଚାଇନା ଇଓର ବ୍ୟବହାର କରିଥିଲା। ଏହାପରେ ଭାରତୀୟ ନିର୍ବାଚନ ପାଇଁ ମାଇକ୍ରୋସଫ୍ଟ ପକ୍ଷରୁ ଏଭଳି ଚେତାବନୀ ଦିଆଯାଇଛି। ଗତ ମାସରେ ମାଇକ୍ରୋସଫ୍ଟର ସହ ପ୍ରତିଷ୍ଠାତା ବିଲ ଗେଟ୍ସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର




ମୋଦିଙ୍କୁ ନୂଆଦିଲ୍ଲୀରେ ଭେଟିଥିଲେ। ଏହି ସମୟରେ ଉଭୟ ସମାଜିକ, ମହିଳା ବିକାଶ, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରର ବିକାଶରେ ଏଆଇର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଆଲୋଚନାର ପରେ ମାଇକ୍ରୋସଫ୍ଟ ପକ୍ଷରୁ ଚାଇନାର ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ୟୁରୋପୀୟ ୟୁନିୟନ ସହ ବିଶ୍ୱର ପ୍ରାୟ ୬୪ଟି ଦେଶରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହି ଦେଶଗୁଡ଼ିକ ସାମୂହିକ ଭାବରେ ବିଶ୍ୱ ଜନସଂଖ୍ୟାର ପ୍ରାୟ ୪୯%। ତେଣୁ ଚାଇନା ବଡ଼ବଡ଼ ଦେଶର ସାଧାରଣ ନିର୍ବାଚନର ଫଳାଫଳ ନିଜ ଅନୁସାରେ ପ୍ରସ୍ତୁତ କରିବାକୁ ଇଓକୁ ଅସ୍ତ୍ର କରିପାରେ। ମାଇକ୍ରୋସଫ୍ଟର ବିପଦ ସଙ୍କେତ ଜାରି କରୁଥିବା ଗୁପ୍ତଚର ଟିମର ସୂଚନା ଅନୁଯାୟୀ, ଉତ୍ତର କୋରିଆ ସହାୟତାରେ ଚାଇନା ସମର୍ଥିତ ସାଇବର ଗ୍ରୁପଗୁଡ଼ିକ ୨୦୨୪ରେ ହେବାକୁ ଥିବା ବିଭିନ୍ନ ନିର୍ବାଚନକୁ ଟାର୍ଗେଟ କରିପାରନ୍ତି। ମାଇକ୍ରୋସଫ୍ଟ କହିଛି ଯେ ଚାଇନା ନିଜର ସ୍ୱାର୍ଥ ପାଇଁ ସୋଶାଲ ମିଡିଆ ମାଧ୍ୟମରେ ଇଓ ଦ୍ୱାରା ବିଭିନ୍ନ କଣ୍ଟେଣ୍ଟ ବା ବିଷୟବସ୍ତୁକୁ ବ୍ୟବହାର କରି ଜନମତକୁ ପ୍ରଭାବିତ କରିପାରେ। ଚଳିତ ବର୍ଷ ଭାରତ, ଦକ୍ଷିଣ କୋରିଆ ଓ ଆମେରିକା ଭଳି ପ୍ରମୁଖ ଦେଶଗୁଡ଼ିକରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ସମୟରେ ଚାଇନା ନିଜର ସ୍ୱାର୍ଥ ସାଧାନ ପାଇଁ ଅତି କମରେ ଏଆଇ ସମ୍ବନ୍ଧୀୟ ବିଷୟବସ୍ତୁକୁ ସୃଷ୍ଟି କରିବ ଓ ଏହାର ପ୍ରଚାର କରିବ। ▶▶ପୃଷ୍ଠା ୭

## ବିଜେପି ଛାଡ଼ିଲେ ରଘୁନାଥ ମହାନ୍ତି



ବସ୍ତା: ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀରୁ ଲଗାତାର ୧୯୯୦ ମସିହାରୁ ୨୦୦୯ ପର୍ଯ୍ୟନ୍ତ ପାଞ୍ଚଥର ନିର୍ବାଚିତ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଆଜି ବିଜେପିରୁ ଇସ୍ତଫା ଦେଇଛନ୍ତି। ସେ ନିଜର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ନେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଏନେଇ ପତ୍ର ମାଧ୍ୟମରେ ଜଣାଇଛନ୍ତି। ୨୦୦୪ ମସିହାରେ ତତ୍‌କାଳୀନ ପଞ୍ଚାୟତିରାଜ ଓ ସଂସଦ ବ୍ୟାପାର ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତଙ୍କ ମନ୍ତ୍ରୀପଦ ଯିବା ପରେ ଶ୍ରୀ ମହାନ୍ତିଙ୍କୁ ଏହି ଦାୟିତ୍ୱ ମିଳିଥିଲା। ପରେ ଶ୍ରୀ ମହାନ୍ତି ଆଇନ, ସହର ବିକାଶ, ଶିକ୍ଷା, ମାଇନ୍ସ ଭଳି ବହୁଗୁରୁତ୍ୱ ପୂର୍ଣ୍ଣ ବିଭାଗର ମନ୍ତ୍ରୀପଦ ମିଳିଥିଲା। ୨୦୧୨ ମସିହାରେ ପାରିବାରିକ କଳହ କାରଣରୁ ଶ୍ରୀ ମହାନ୍ତିଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିଥିଲା। ୨୦୧୪ ମସିହାରେ ଶ୍ରୀ ମହାନ୍ତିଙ୍କ ବଦଳରେ ନିତ୍ୟାନନ୍ଦ ସାହୁଙ୍କୁ ବିଜେଡି ଟିକେଟ ଦେଇଥିଲା। ୨୦୧୭ ମସିହାରେ ଶାସକ ଦଳ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ କ୍ୟାବିନେଟ୍ ସହିତ ଉଠାଜଳସେଚନ ନିଗମ ଅଧ୍ୟକ୍ଷ ଭାବରେ ଦାୟିତ୍ୱ ମିଳିଥିଲା। ପରେ ନିଜର ଦଳୀୟ ଟିକେଟ ମିଳୁନଥିବା ଜାଣି ଶ୍ରୀ ମହାନ୍ତି ବିଜେଡି ଛାଡି ବିଜେପି ଦଳରେ ସାମିଲ ହୋଇଥିଲେ। ବିଜେପି ତାଙ୍କୁ ବସ୍ତାରୁ ବିଧାୟକ ପ୍ରାର୍ଥୀ କରିଥିଲା। ବସ୍ତାରୁ ଶ୍ରୀ ମହାନ୍ତି ନିତ୍ୟାନନ୍ଦ ସାହୁଙ୍କ ଠାରୁ ପରାସ୍ତ ହୋଇଥିଲେ। ଚଳିତ ନିର୍ବାଚନରେ ଶ୍ରୀ ମହାନ୍ତି ଜଳେଶ୍ୱର ବିଧାନସଭା ଆସନରୁ ପ୍ରାର୍ଥୀ ହେବାକୁ ପ୍ରୟାସ କରିଥିବା ବେଳେ ଦଳ ତାଙ୍କୁ ଏକ ପ୍ରକାର ନିର୍ଭୟ ସୂଚନା ଦେଉଥିବା ବେଳେ ପର ମୁହୂର୍ତ୍ତରେ ବିଜେଡି ଦଳରୁ ▶▶ପୃଷ୍ଠା ୭

## କାର ଯାଞ୍ଚ ବେଳେ ମିଳିଲା ୫୫ ଲକ୍ଷ ଟଙ୍କା




ସୁବର୍ଣ୍ଣପୁର, ୦୭/୪ (ନି.ପ୍ର): ସାଧାରଣ ନିର୍ବାଚନ ବହୁ ପୂର୍ବରୁ ମିଳିଲା ପୂଳା ପୂଳା ଟଙ୍କା। ୫୫ ଲକ୍ଷରୁ ଅଧିକ ଟଙ୍କା ଓଡ଼ିଶା ଦେଇ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଯାଉଥିଲା। ତେବେ କେଉଁ ଉଦ୍ଦେଶ୍ୟରେ ଏହି ଟଙ୍କା ଯାଉଥିଲା ତାହା ଉପରେ ତଦନ୍ତ କରୁଛି ପୁଲିସ୍। ସୁବର୍ଣ୍ଣପୁର ଜିଲ୍ଲା ପୁଲିସକୁ ମିଳିଛି ଏହି ସଫଳତା। ସାଧାରଣ ନିର୍ବାଚନ ପାଇଁ ବିନିକା ଥାନା ପୁଲିସ୍ ସହରର କଲେଜ ଛକରେ ନାକାବନ୍ଦି କରି ପାଟ୍ରୋଲିଂ କରୁଥିଲା। ସେହି ସମୟରେ ଆନ୍ଧ୍ରପ୍ରଦେଶ ନମ୍ବର ଥିବା ଇନୋଭା କାର ଆସୁଥିବା ଦେଖି ପୁଲିସ୍ ଅଟକାଇଥିଲା। ଗାଡ଼ି ଯାଞ୍ଚ ବେଳେ ପୁଲିସ୍‌କୁ ୫୫ ଲକ୍ଷ ୨୦ ହଜାର ଟଙ୍କା ମିଳିଥିଲା। ଏହା ପରେ ପୁଲିସ୍ କାର ଭିତରେ ଥିବା ଲୋକଙ୍କୁ ଟଙ୍କା ବିଷୟରେ ପଚାରିଥିଲା। ମାତ୍ର ସେମାନେ ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ। ପରେ ପୁଲିସ୍ ସେହି ଟଙ୍କାକୁ ବ୍ୟାଙ୍କରେ ଜମା କରିଥିବା ଜଣାପଡ଼ିଛି। ଜବତ ହୋଇଥିବା ଏତେ ପରିମାଣର ଟଙ୍କା ଆନ୍ଧ୍ରପ୍ରଦେଶର କାକିନାଡ଼ା ଜିଲ୍ଲାକୁ ଯାଉଥିଲା। ଏହି ମାମଲାରେ ପୁଲିସ୍ କାକିନାଡ଼ା ଜିଲ୍ଲା ଗୋରିପୁରୀ ଗାଁର ପି.ଚନ୍ଦ୍ରଶେଖର, ପି.ସାମୁହାଧରି, ପି.ସୁଭୟାମ୍ମା, ପି.ଛନନବଦୀ, ପୁଲ୍ଲୁ ଗାଁର ବୋନାସୁ ଭେଙ୍କଟ ଓ ବେନା ଭରମ୍ ଗ୍ରାମ ଗାଡ଼ି ଡ୍ରାଇଭର ବି.ଭିନୟ କ୍ରିଷ୍ଣାଙ୍କ ଅଟକ ରଖି ଜେରା କରୁଛି। ସେମାନେ ଏ ଟଙ୍କା କେଉଁଠୁ ଆଣୁଥିଲେ ? କେଉଁ କାମରେ ବିନିଯୋଗ ପାଇଁ ଟଙ୍କା ଆଣୁଥିଲେ, ତାହା ଉପରେ ପୁଲିସ୍ ତଦନ୍ତ ଚଳାଇଛି।

## ୭୧ ହଜାର ପାର ହେଲା ସୁନା ଦର



ଭୁବନେଶ୍ୱର, ୦୬/୦୪ (ନି.ପ୍ର): ବଢ଼ି ଚାଲିଛି ସୁନା ଦର। ଆଜି ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନାର ମୂଲ୍ୟ ୧୦ ଗ୍ରାମ ପିଛା ୭୧ ହଜାର ୨୯୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୬୫ ହଜାର ୩୫୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ରୁପା ଦର ଆଜି କିଲୋଗ୍ରାମ ପିଛା ୨ ହଜାର ଟଙ୍କା ମହଙ୍ଗା ହୋଇ ୮୭ ହଜାର ଟଙ୍କାରେ ପହଞ୍ଚିଛି। ଗତକାଲି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୬୪ ହଜାର ୧୫୦ ଟଙ୍କା ଥିଲା। ଆଜି ଏଥିରେ ୧୨୦୦ ଟଙ୍କା ବୃଦ୍ଧି ଘଟିଛି। ସେହିପରି ଗତକାଲି ଏଠାରେ ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ୬୯,୯୮୦ ଥିବା ବେଳେ ଆଜି ଏଥିରେ ▶▶ପୃଷ୍ଠା ୭

## ଅସହ୍ୟ ତାତି: ୪ ସହରର ତାପମାତ୍ରା ୪୩ ଡିଗ୍ରୀ ଛୁଇଁଲା

ଭୁବନେଶ୍ୱର, ୦୬/୦୪ (ନି.ପ୍ର): ଶୁକ୍ରବାର କେବଳ ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ ଛୁଇଁଥିବା ବେଳେ ଶନିବାର ୪ଟି ସହରର ତାପମାତ୍ରା ୪୩ ଡିଗ୍ରୀ ବା ତା' ଉପରେ ରହିଛି। ୪୩.୫ ଡିଗ୍ରୀ ସହିତ ଆଜି ଅନୁଗୋଳ ପାଲିଟିଛି ରାଜ୍ୟର ସବୁଠୁ ଉତ୍ତପ୍ତ ସହର। ରାଜ୍ୟରେ ଆଜି ୨୩ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରେକର୍ଡ କରାଯାଇଛି। ମାଲକାନଗିରିରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ଓ ଟିଟିଲାଗଡ଼ରେ ୪୩ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ଛୁଇଁଥିବା ବେଳେ ଆଜି ଏହା ୩୯.୬ ଡିଗ୍ରୀକୁ ଖସି ଆସିଛି। କଟକରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦.୧ ଡିଗ୍ରୀ ରହିଥିଲା। ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ କେନ୍ଦୁଝରଗଡ଼ରେ ▶▶ପୃଷ୍ଠା ୭




## ବିଜାପୁରରେ ଏନକାଉଂଟରରେ ତିନି ନକ୍ସଲ ମୃତ

ବିଜାପୁର, ୦୭/୪ (ନି.ପ୍ର): ବିଜାପୁର-ବିଜାପୁରର ଉସୋର ଥାନା ଅନ୍ତର୍ଗତ ଛତିଶଗଡ-ତେଲେଙ୍ଗାନା ସୀମାର ଡୋଲିଗୁଟାର ପାହାଡଆ-ଜଙ୍ଗଲରେ ଶନିବାର ସକାଳେ ନକ୍ସଲଙ୍କ ସହିତ ସୁରକ୍ଷାବଳ ଯବାନଙ୍କ ଗୁଳିମାଡରେ ତିନି ନକ୍ସଲ ମୃତ୍ୟୁବରଣ କରିଛନ୍ତି । ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି । ବସ୍ତର ପୋଲିସ ଅଧିକାରୀ ତିନି ନକ୍ସଲ ମୃତ୍ୟୁବରଣ କରିଥିବା ନେଇ ସୂଚନା ଦେବା ସହ ସମସ୍ତ ଯବାନ ସୁରକ୍ଷିତ ଥିବା କହିଛନ୍ତି। ଏନକାଉଂଟର ପରେ ସ୍ଥାନୀୟ ଅଂଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି ।

## ତାଳଚେର କଣିହାଁ ଏନଟିପିସି ପ୍ଲାଣ୍ଟରେ ଭୟାବହ ଅଗ୍ନିକାଣ୍ଡ

ତାଳଚେର: ତାଳଚେର କଣିହାଁ ଘଞ୍ଚଡ ପ୍ଲାଣ୍ଟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। କୋଇଲା ଡିପୋରୁ ପ୍ଲାଣ୍ଟ ଭିତରକୁ ଯାଇଥିବା କନଭେୟର ବେଲ୍ଟରେ ନିଆଁ ଲାଗି ଯାଇଛି। ନିଆଁକୁ ଆୟତ୍ତ କରିବା ପାଇଁ ୨ରୁ ଅଧିକ ଦମକଳ ବାହିନୀ ନିୟୋଜିତ ହୋଇଛନ୍ତି। ଏତେ ଜୋରରେ ନିଆଁ ଲାଗିଛି ଯେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଲୋକେମାନେ ଭୟଭୀତ ହୋଇପଡ଼ିଛନ୍ତି। ଆଜି ଦିନ ପ୍ରାୟ ସାଢ଼େ ୧୦ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଛି। ପ୍ଲାଣ୍ଟ ଭିତରେ କେହି ଫଶି ରହିଛନ୍ତି କି ନାହିଁ ତାହା ଜଣାପଡ଼ିନାହିଁ। ଏହାସହ କ୍ଷୟକ୍ଷତିର ଆକଳନ କରାଯାଇପାରିନାହିଁ। ତେବେ ପ୍ଲାଣ୍ଟରେ କିପରି ନିଆଁ ଲାଗିଲା ତାହା ସ୍ପଷ୍ଟ ହୋଇନାହିଁ। ନିଆଁ କିପରି ଚାରିଆଡେ ନ ବ୍ୟାପିବ ସେନେଇ ଅଗ୍ନିଶମ କର୍ମଚାରୀ ଚେଷ୍ଟା ଚଳାଇଛନ୍ତି।

## କୋର୍ଟଙ୍କ ବଡ଼ ନିର୍ଦ୍ଦେଶ: ଅଲଗା ହେବା ପରେ ବି ଲିଭ ଇନ୍ ପାର୍ଟନର ପାଇବେ କ୍ଷତିପୂରଣ



ନୂଆଦିଲ୍ଲୀ, ୦୭/୪ : ଲିଭ ଇନ୍‌ରେ ରହି ପରେ ଅଲଗା ହୋଇଯାଉଥିବା ଘଟଣାରେ ମଧ୍ୟପ୍ରଦେଶ ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଲିଭ ଇନ୍‌ରେ ଦୀର୍ଘ ବର୍ଷ ଧରି ରହୁଥିବା ମହିଳାଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ହାଇକୋର୍ଟ ପଦକ୍ଷେପ ନେଇଛନ୍ତି। ଯଦି କୌଣସି ମହିଳା ନିର୍ଦ୍ଦିଷ୍ଟ ସମୟ ଧରି ଜଣେ ପୁରୁଷଙ୍କ ସହ ଲିଭ ଇନରେ ରହୁଛନ୍ତି, ତା'ହେଲେ ଅଲଗା ହେବା ପରେ ବି ମହିଳା ଜଣଙ୍କ ଭରଣପୋଷଣ ଖର୍ଚ୍ଚ ପାଇବାକୁ ହକଦାର। ସେମାନେ ଆଇନଗତ ଭାବେ ବିବାହ କରି ନଥିଲେ ମଧ ମହିଳାଙ୍କୁ କ୍ଷତିପୂରଣ ମିଳିପାରିବ ବୋଲି କୋର୍ଟ କହିଛନ୍ତି। ଟ୍ରାଏଲ କୋର୍ଟ ପ୍ରଥମେ ଜଣେ ବ୍ୟକ୍ତିଙ୍କ ବିରୋଧରେ ରାୟ ଦେଇଥିଲେ। ବ୍ୟକ୍ତି ଜଣଙ୍କ ଜଣେ ମହିଳାଙ୍କ ସହ ଲିଭ ଇନରେ ରହୁଥିଲେ। ଏହା ପରେ ଉଭୟ ଅଲଗା ହୋଇ ଯାଇଥିଲେ। କ୍ଷତିପୂରଣ ବା ମାସିକ ଭରଣପୋଷଣ ପାଇଁ ମହିଳା ଜଣଙ୍କ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଟ୍ରାଏଲ କୋର୍ଟ ମହିଳାଙ୍କ ଆବେଦନକୁ ଗ୍ରହଣ କରି ବ୍ୟକ୍ତିଙ୍କୁ ମାସିକ ୧୫ଶହ ଟଙ୍କା ଲେଖାଏ ଭରଣପୋଷଣ ▶▶ପୃଷ୍ଠା ୭

## କଂଗ୍ରେସର ନିର୍ବାଚନୀ ଇସ୍ତାହାରକୁ ମୋଦିଙ୍କ କାଉଣ୍ଟର

ନୂଆଦିଲ୍ଲୀ, ୦୬/୪ : ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପୂର୍ବରୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ଉପରେ ମନଇଚ୍ଛା ବର୍ଷିଛନ୍ତି। କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ଜାରି କରିଥିବା ଇସ୍ତାହାରକୁ ମୋଦି ମିଛର ଗନ୍ଥା ଘର ଓ ପ୍ରତିଟି ପୃଷ୍ଠା ଭାରତକୁ ଭାଗ ଭାଗ କରିବା ପାଇଁ ପ୍ରସ୍ତୁତ ହୋଇଥିବା ମୋଦି କହିଛନ୍ତି। ରାଜସ୍ଥାନର ଆଜମେରରେ ଆୟୋଜିତ ରାଲିକୁ ସମ୍ବୋଧନ କରି ମୋଦି କହିଛନ୍ତି, " କଂଗ୍ରେସ ନିର୍ବାଚନୀ ଇସ୍ତାହାର ଜରିଆରେ ମିଛ କଥା ସବୁ କହିଛି। ଏହି ମିଛର ଗନ୍ଥା ଘର କଂଗ୍ରେସର ଅସଲ ମୁଖା ଖୋଲି ଦେଇଛି। ଭାରତକୁ



ଖଣ୍ଡଖଣ୍ଡ କରିବାକୁ ପ୍ରତିଟି ପେଜରେ ବ୍ୟବସ୍ଥା କରାଯାଇଛି। ସ୍ୱାଧୀନତା ପୂର୍ବରୁ ମୁସଲିଗର ଆଭିମୁଖ୍ୟକୁ ଏହା ପ୍ରତିଫଳିତ କରୁଛି। କଂଗ୍ରେସ ସେତେବେଳେ ମୁସଲିଗ ପ୍ରଚଳନ କରିବାକୁ ଚାହୁଁଥିବା ଚିନ୍ତାଧାରା ଆଜିର ଭାରତରେ ଲାଗୁ କରିବାକୁ ଚାହୁଁଛି। ନିର୍ବାଚନୀ ଇସ୍ତାହାରର ବଳକା କଥା ସବୁ କମ୍ୟୁନିଷ୍ଟ ଓ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ।" କଂଗ୍ରେସ ନୀତି ଓ ଯୋଜନାକୁ ନେଇ ପାଗଳ ହୋଇ ଯାଇଥିବା ମୋଦି ଦାବି କରିଛନ୍ତି। ସେ କହିଛନ୍ତି, "ଯଦି ଆପଣମାନେ ନିର୍ବାଚନୀ ଇସ୍ତାହାରକୁ ଦେଖିବେ, ତା'ହେଲେ ସେମାନେ ଭାରତକୁ ପୁରୁଣା ଶତାବ୍ଦୀକୁ ଠେଲି ଦେବାକୁ ଚାହୁଁଛନ୍ତି। କଂଗ୍ରେସ କେବେ ହେଲେ ନାରୀ ଶକ୍ତିକୁ ଖାତିର କରେ ନାହିଁ। ସ୍ୱାଧୀନତା ପରେ ମହିଳାମାନେ ପିଢ଼ି ପରେ ପଢ଼ି ସମସ୍ୟାର ସମ୍ମୁଖୀନ ହୋଇ ଚାଲିଛନ୍ତି। ଏଥିପାଇଁ ଏପରି କଂଗ୍ରେସ ଦଣ୍ଡିତ ହେବା କଥା ନୁହେଁ କି ? ଏପ୍ରିଲ ୧୯ରେ ଆପଣମାନେ ନିଜର ଭୋଟର ବ୍ୟବହାର କରନ୍ତୁ ଓ କଂଗ୍ରେସକୁ ଦଣ୍ଡ ଦିଅନ୍ତୁ।" ସେ ନିଜ ସରକାରର ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇ କଂଗ୍ରେସକୁ ପୁଣି ଟାର୍ଗେଟ କରିଛନ୍ତି। ମୋଦି କହିଛନ୍ତି, "ମୋର ସାହାସୀ ଝିଅମାନେ ଆର୍ମିରେ ସାମିଲ ହୋଇ ପାରୁ ନଥିଲେ। ▶▶ପୃଷ୍ଠା ୭

## ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ନୂଆ ମୋଡ଼

### ମାମଲାରେ ବିଜେପି ଓ ଟିଡିପି ନେତାଙ୍କ କନେକ୍ସନ

ନୂଆଦିଲ୍ଲୀ, ୦୬/୪ : ବହୁଚର୍ଚ୍ଚିତ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ନୂଆ ମୋଡ । ଯେଉଁ ମାମଲାରେ ଆମ ଆଦମୀ ପାର୍ଟି ତଥା ଦିଲ୍ଲୀ ସରକାରଙ୍କ ହାଇପ୍ରୋଫାଇଲ ନେତା ଛନ୍ଦି ହୋଇଛନ୍ତି ସେହି ମାମଲାରେ ବିଜେପି ଓ ଏହାର ସହଯୋଗୀ ଦଳ ଟିଡିପି ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆଣିଛି ଦଳ । ସାମ୍ବାଦିକ ସମ୍ମିଳନୀ କରି ଦିଲ୍ଲୀ କ୍ୟାବିନେଟ ମନ୍ତ୍ରୀ ଆତିସୀ ମାର୍ଲେନା ଅଭିଯୋଗ ଆଣିବା ସହ ଇଡିର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି । ଏଥିସହ




ତଦନ୍ତକାରୀ ସଂସ୍ଥାକୁ ଆତିଶୀ ୫ଟି ପ୍ରଶ୍ନ ପଚାରିଛନ୍ତି । ୬ମାସ ପରେ ଜେଲରୁ ଜାମିନ ପାଇଥିବା ଆମ ଆଦମୀ ପାର୍ଟି ନେତା ସଂଜୟ ସିଂ । ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ କରିଥିଲେ ଓ ଦସ୍ତାବିଜ ରଖି ସଂଜୟ କହିଛନ୍ତି ମଦ ଦୁର୍ନୀତି ମାମଲାରେ ବିଜେପି ଓ ଟିଡିପିର ଅନେକ ହାଇପ୍ରୋଫାଇଲ ନେତାଙ୍କ ସମ୍ପୃକ୍ତି ଥିବା କହିଥିଲେ । ଆପ କହିଛି ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିବା ପାଇଁ ବିଜେପି ଏକ ଚକ୍ରବ୍ୟୁହ ରଚିଛି । ଚାପ ପକାଇ ଅନେକଙ୍କୁ ମିଛ ବୟାନ ରେକର୍ଡ କରୁଛି । ତେବେ ମିଛ ବେଶୀ ଦିନ ତିଷ୍ଠି ରହିବନି । ଦିନେ ନା ଦିନେ ସତ୍ୟର ବିଜୟ ହେବ ।

# ହାଇକୋର୍ଟରେ ଜେଲ୍ ସଂସ୍କାର ମାମଲା: ଜାମିନ ସତ୍ତ୍ୱେ ମୁକୁଳି ପାରୁନାହାନ୍ତି ୩୩ ବନ୍ଦୀ



କଟକ, ୦୬/୪ (ନି.ପ୍ର): ଅଦାଲତ ଜାମିନ ମଞ୍ଜୁର କରିବାପରେ ବି ୩୩ ଜଣ ବନ୍ଦୀ ଜେଲ୍‌ରୁ ମୁକୁଳି ପାରିନାହାନ୍ତି। ହାଇକୋର୍ଟରେ ଜେଲ୍ ସଂସ୍କାର ସଂପର୍କିତ ମାମଲାର ଶୁଣାଣି ସମୟରେ ଏଭଳି ତଥ୍ୟ ଉପସ୍ଥାପନ କରାଯାଇଛି। ବିଭିନ୍ନ ଜେଲ୍ ପରିଦର୍ଶନ କରି ସମ୍ପୃକ୍ତ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦାଖଲ ରିପୋର୍ଟ ଅନୁସାରେ, ଗତ ଡିସେମ୍ବର ସୁଦ୍ଧା ମୋଟ ୧୫୫ ବିଚାରାଧୀନ ବନ୍ଦୀଙ୍କୁ ଜାମିନ ମିଳିଥିବା ବେଳେ ସେମାନେ ଜେଲ୍‌ରୁ ମୁକୁଳି ପାରି ନଥିଲେ। ୧୫୫ ଜଣଙ୍କ ମଧ୍ୟରୁ ୧୨୨ଜଣ ବନ୍ଦୀ ପରବର୍ତ୍ତୀ ସମୟରେ ଜାମିନରେ ବାହାରିଥିଲେ। ଅନ୍ୟ ୩୩ ଜଣ ବନ୍ଦୀ କିନ୍ତୁ ଜାମିନ ମଞ୍ଜୁର ପରେ ବି ଜେଲ୍‌ରେ ରହିଛନ୍ତି। ଜାମିନ ପାଇଁ ଧାର୍ଯ୍ୟ କରାଯାଇଥିବା ସର୍ତ୍ତ ପୂରଣ ନ କରିବାରୁ ଏବଂ ଅନ୍ୟାନ୍ୟ କାରଣରୁ ଏହି ବନ୍ଦୀମାନେ ଜାମିନ ପାଇବା ସତ୍ତ୍ୱେ ଜେଲ୍‌ରୁ ମୁକୁଳି ପାରିନଥିବା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ତରଫରୁ ହାଇକୋର୍ଟଙ୍କୁ ଆଜି ଅବଗତ କରାଯାଇଛି। ଏହି ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିବା ସହିତ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ରାଜ୍ୟ ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁସାରେ, ଏଯାଏ କେତେ ଜଣ ବିଚାରାଧୀନ ବନ୍ଦୀ ଜାମିନ ମଞ୍ଜୁର ସତ୍ତ୍ୱେ ଜେଲ୍‌ରୁ ମୁକୁଳି ପାରି ନାହାନ୍ତି ଏବଂ ଏହାପଛରେ କ'ଣ କାରଣ ରହିଛି, ସେ ନେଇ ତଥ୍ୟ ପ୍ରଦାନ ପାଇଁ ହାଇକୋର୍ଟ କହିଛନ୍ତି। ଜାମିନ ମଞ୍ଜୁର ପରେ ବି ଜେଲ୍‌ରେ ଥିବା ବନ୍ଦୀଙ୍କ ନାଁ ଓ ଅନ୍ୟ ସବିଶେଷ ତଥ୍ୟ ରିପୋର୍ଟରେ ଉଲ୍ଲେଖ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କୃଷ୍ଣପ୍ରସାଦ ସାହୁଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆଜି ମାମଲାର ଶୁଣାଣି ସମୟରେ ବହୁ ଜେଲ୍‌ରେ ନିର୍ଦ୍ଧାରିତ ସଂଖ୍ୟାଠାରୁ ଅଧିକ ବନ୍ଦୀ ରହିଥିବା ପ୍ରସଙ୍ଗରେ ଆମିକସ୍ କ୍ୟୁରି ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହିତ ଜାମିନ ମଞ୍ଜୁର ପରେ ମଧ୍ୟ ଜେଲ୍‌ରେ ଥିବା ବନ୍ଦୀଙ୍କ ମୁକ୍ତି ପ୍ରସଙ୍ଗରେ ରହିଥିବା ସୁପ୍ରିମକୋର୍ଟଙ୍କ ରାୟର ନଜିର ଓ ଏ ସଂପର୍କିତ ଏସ୍‌ଓପି ସଂକ୍ରାନ୍ତରେ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଆମିକସ୍ କ୍ୟୁରି ଗୌତମ ମିଶ୍ର ମାମଲା ପରିଚାଳନା କରୁଛନ୍ତି।

# ଏନ୍.ସି.ଇ.ଆର.ଟି. ପାଠ୍ୟପୁସ୍ତକର ଉପଲବ୍ଧତା

ଭୁବନେଶ୍ୱର, ୦୬/୦୪ (ନି.ପ୍ର): ଜାତୀୟ ଶିକ୍ଷାନୀତି (ଏନ୍.ଇ.ପି.) ୨୦୨୦ ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରିବାର ତିନିବର୍ଷ ମଧ୍ୟରେ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମ ଓ ଶିକ୍ଷାଦାନରେ ସଂସ୍କାର ଆରମ୍ଭ ହୋଇଛି। ଅକ୍ଟୋବର ୨୦୨୨ରେ ପ୍ରଥମ ମାଇଲ୍‌ଖୁଣ୍ଟ ହାସଲ କରାଯାଇଥିଲା, ଯେତେବେଳେ ମୌଳିକ / ପ୍ରାରମ୍ଭିକସ୍ତର ପାଠ୍ୟଚର୍ଯ୍ୟା (୨୦୨୨) ଆରମ୍ଭ ହେଲା। ଏହି ପାଠ୍ୟଚର୍ଯ୍ୟାରେ ପ୍ରସ୍ତାବ ଅନୁଯାୟୀ 'ଯାଦୁଇ ପିଟାରା', ଖେଳଣା, ଖେଳ, କଣ୍ଢେଇ, ପୋଷ୍ଟର, କାହାଣୀ କାର୍ଡ ଇତ୍ୟାଦି ଏବଂ ଖେଳ ଆଧାରିତ ପାଠ୍ୟପୁସ୍ତକ ସହ ଶିକ୍ଷା-ଶିକ୍ଷାଦାନ ସାମଗ୍ରୀର ସଂଗ୍ରହ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀପାଇଁ ଗତବର୍ଷ ଆରମ୍ଭ ହୋଇଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ବହୁଭାଷିତା ସମ୍ବନ୍ଧୀୟ ଦୃଷ୍ଟିକୋଣ ଉପରେ ଧ୍ୟାନ ଦେଇ ଏନ୍‌ସିଇଆରଟି ଭାରତୀୟ ଭାଷାର ଚଉବନଟି ପ୍ରାଇମର ପ୍ରକାଶ କରିଛି। ଏଥି ମଧ୍ୟରୁ କୁଇ ଏବଂ ଦେଶିଆ ଭଳି ଭାଷାରେ ମାତୃଭାଷାରୁ ଭାଷା ସୁଗମ ପରିବର୍ତ୍ତନ ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇସାରିଛି। ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟଚର୍ଯ୍ୟା (ଏସ୍.ସି.ଏଫ୍.ଏସ୍.ଇ.) ୨୦୨୩ ଅଗଷ୍ଟ ୨୦୨୩ରେ ଆରମ୍ଭ ହୋଇଥିଲା। ଏହାର ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବରେ ଏନ୍.ସି.ଇ.ଆର.ଟି. ତୃତୀୟରୁ ଦ୍ୱାଦଶ ଶ୍ରେଣୀପାଇଁ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ପ୍ରସ୍ତୁତିର କାର୍ଯ୍ୟ ଆରମ୍ଭ କଲା। ଜାତୀୟ ଶିକ୍ଷାନୀତି ୨୦୨୦ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ପାଠ୍ୟପୁସ୍ତକଗୁଡ଼ିକ ଏକ ପର୍ଯ୍ୟାୟ ଅନୁଯାୟୀ ଅଣାଯିବା ଆବଶ୍ୟକ, ଯାହାଦ୍ୱାରା ପୁରାତନ ପାଠ୍ୟକ୍ରମରୁ ନୂତନ ପାଠ୍ୟକ୍ରମକୁ ସ୍ଥାନାନ୍ତର ହୋଇପାରିବ। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ତୃତୀୟ ଶ୍ରେଣୀ (ପ୍ରସ୍ତୁତି ସ୍ତରର ପ୍ରଥମ) ଏବଂ ଷଷ୍ଠ ଶ୍ରେଣୀ (ମଧ୍ୟସ୍ତରର ପ୍ରଥମ) ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଉଛି। ପୁରାତନ ପାଠ୍ୟକ୍ରମରୁ ନୂତନ ପାଠ୍ୟକ୍ରମକୁ ପିଲାମାନଙ୍କର ସୁଗମ ପରିବର୍ତ୍ତନ ନିମନ୍ତେ ଷଷ୍ଠଶ୍ରେଣୀର ଏକ ମାସସଂଯୋଗ କାର୍ଯ୍ୟକ୍ରମ ଏବଂ ତୃତୀୟ ଶ୍ରେଣୀ ପାଇଁ ଦୁଇ ସପ୍ତାହର ମୌଳିକ କାର୍ଯ୍ୟକ୍ରମ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହି ସବୁ କାର୍ଯ୍ୟକ୍ରମ ବିଭିନ୍ନ ବିଷୟ ଯଥା- ଆମ ଚତୁପାଶ୍ୱର୍ର ଦୁନିଆ, କଳା ଶିକ୍ଷା, ଶାରୀରିକ ଶିକ୍ଷା ଓ ସ୍ୱାସ୍ଥ୍ୟ-ସୁସ୍ଥତା ଉପରେ ପର୍ଯ୍ୟବେସିତ ହେବ। ଏତଦ୍ୱାରା ନୂତନ ପାଠ୍ୟକ୍ରମର ବିଭିନ୍ନ ଆଧାର ଯଥା ଅନୁଭୂତିଶୀଳ ଶିକ୍ଷଣ, ସାଂସ୍କୃତିକ ମୂଳତା, ବହୁଭାଷୀ ଶିକ୍ଷା, ସାମଗ୍ରିକ ବିକାଶକୁ ନେଇ ସାମଗ୍ରିକ ମୂଲ୍ୟାୟନ ଉପରେ ସେମାନଙ୍କର ଶିକ୍ଷଣ ସୁନିଶ୍ଚିତ ହେବ। ବର୍ତ୍ତମାନ ତୃତୀୟ ଶ୍ରେଣୀର ହିନ୍ଦୀ, ଇଂରାଜୀ ଓ ଉର୍ଦ୍ଦୁ ଭାଷାରେ ପାଠ୍ୟପୁସ୍ତକ ଏନ୍.ସି.ଇ.ଆର.ଟି.ର ୱେବସାଇଟ୍‌ରେ ଉପଲବ୍ଧ ଅଛି। ବିଦ୍ୟାଳୟ ଶିକ୍ଷା ଜାତୀୟ ପାଠଚର୍ଯ୍ୟା ୨୦୨୩ରେ ଷଷ୍ଠ ଶ୍ରେଣୀ ପାଇଁ ପ୍ରସ୍ତାବିତ ସମସ୍ତ ୧୦ଟି ବିଷୟ ପାଇଁ ଏକମାସ ସଂଯୋଗ କାର୍ଯ୍ୟକ୍ରମ ମଧ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ। ନୂତନ ପାଠ୍ୟ ପୁସ୍ତକ ବ୍ୟବହାର ପୂର୍ବରୁ ମୌଳିକ କିମ୍ବା ସଂଯୋଗ କାର୍ଯ୍ୟକ୍ରମ (ଇକ୍ସସୟଶର ଉକ୍ଟଙ୍କକ୍ସର) ସାଧାରଣତଃ ଜରୁରୀ। ପିଲାମାନେ ସେମାନଙ୍କର ମୌଳିକ ଓ ଏକମାସ ସଂଯୋଗ କାର୍ଯ୍ୟକ୍ରମ ସମାପ୍ତ କରିବା ପରେ ନୂତନ ପାଠ୍ୟକ୍ରମକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେବେ ଏବଂ ସେମାନଙ୍କ ପାଇଁ ପାଠ୍ୟପୁସ୍ତକ ଉପଲବ୍ଧ ହେବ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପାଇଁ ନୂତନ ପାଠ୍ୟ ପୁସ୍ତକ ପ୍ରକାଶିତ ଓ ଛାପା ଆକାରରେ ଉପଲବ୍ଧ। ସେହିପରି ସପ୍ତମ, ଅଷ୍ଟମ, ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ପାଠ୍ୟପୁସ୍ତକ ମଧ୍ୟ ଛାପା ଆକାରରେ ଉପଲବ୍ଧ। ଚତୁର୍ଥ, ପଞ୍ଚମ, ନବମ ଓ ଏକାଦଶ ଶ୍ରେଣୀର ଅଧିକାଂଶ ପାଠ୍ୟପୁସ୍ତକ ପ୍ରକାଶ ପାଇସାରିଛି ଏବଂ ଚଳିତ ବର୍ଷ ମଇ ୩୧ ସୁଦ୍ଧା ଆବଶ୍ୟକ ସଂଖ୍ୟାରେ ଉପଲବ୍ଧ ହେବ। ଏହି ପାଠ୍ୟ ପୁସ୍ତକଗୁଡ଼ିକ ଡିଜିଟାଲ ଭାବେ ଏନ୍‌ସିଇଆରଟି ୱେବ୍‌ସାଇଟ୍, ଦିକ୍ଷା ଓ ଇ-ପାଠଶାଳା ସହ ମୋବାଇଲ୍ ଆପ୍‌ରେ ମଧ୍ୟ ଉପଲବ୍ଧ। ଏଗୁଡ଼ିକ ସହଜ ଓ ମାଗଣାରେ ଡାଉନ୍‌ଲୋଡ୍ କରାଯାଇପାରିବ। ଏନ.ସି.ଇ.ଆର. ଟି. ୱେବ୍ ସାଇଟ୍ ରେ କିମ୍ବା ଛାପା ଆକାରରେ ଉଲବଲବ୍ଧ ଥିବା ପାଠ୍ୟପୁସ୍ତକ ବ୍ୟବହାର କରିବାକୁ ସମ୍ବନ୍ଧିତ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ଜାତୀୟ ଶିକ୍ଷାନୀତି ୨୦୨୦ ଓ ଜାତୀୟ ବିଦ୍ୟାଳୟ ଶିକ୍ଷା ପାଠ୍ୟଚର୍ଯ୍ୟା (୨୦୨୩) ସହ ସମନ୍ୱୟତା ଓ ଗୁଣବତ୍ତାକୁ ଦୃଷ୍ଟିରେ ରଖି ଅବଶିଷ୍ଟ ପାଠ୍ୟପୁସ୍ତକ (ତୃତୀୟ ଓ ଷଷ୍ଠ ଶ୍ରେଣୀ)କୁ ଚଳିତ ବର୍ଷ ଉପଲବ୍ଧ କରିବାକୁ ଏନ.ସି.ଇ.ଆର.ଟି. ସଂକଳ୍ପବଦ୍ଧ ଏବଂ ସମସ୍ତଙ୍କୁ ଏଥିପାଇଁ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

## ବଲାଙ୍ଗିରରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗିର, ୦୭/୪ (ନି.ପ୍ର): ଆଜି ପୂର୍ବାହ୍ନରେ ବଲାଙ୍ଗିର ପଥରଚେପା ସ୍ଥିତ ବିଜେପି କାର୍ଯ୍ୟାଳୟ ଠାରେ ଭାରତୀୟ ଜନତା ଦଳର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ଶିବାଜୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ସାଂସଦ ସଂଗୀତା ସିଂହଦେଓ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିବା ସହିତ ଭାରତ ମାତା ଡାକ୍ତର ଶ୍ୟମା ପ୍ରସାଦ ମୂଖର୍ଜୀ ଓ ଦିନଦୟାଲ ଉପାଧ୍ୟାୟଙ୍କ ପ୍ରତିକୃତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥଲେ। ବନ୍ଦେ ମାତରମ ଗାନ ପରେ ସଭାରେ ଶ୍ରୀମତୀ ସିଂହଦେଓ, ବଲାଙ୍ଗିର ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ, ଦିନେଶ ଶର୍ମା ଓ ରଞ୍ଜିତା ପାଣିଗ୍ରାହୀ ପ୍ରମୁଖ ମଂଚାସୀନ ରହି ବକ୍ତବ୍ୟରେ ଦଳର ଗଠନ ଦିଗରେ ଯେଉଁମାନେ ସକ୍ରିୟ ଥିଲେ ସେମାନଙ୍କୁ ସ୍ମରଣ କରି ଆଜି ୪୪ ବର୍ଷ ଭିତରେ ବିଜେପି ଲୋକଙ୍କ ବିଶ୍ୱାସଭାଜନ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତା ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।


# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ନୂଆପଡ଼ା, ୦୭/୪ (ନି.ପ୍ର): ଖଡ଼ିଆଳ-ନୂଆପଡ଼ା ଜାତୀୟ ରାଜପଥର ଦେଓବାହାଲ ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ତାଙ୍କ ନାମ ନାରଦ ଶବର ଓ ତାଙ୍କ ଘର ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଗୋଡ଼ଧୁଆପଦର ବୋଲି ଜଣାପଡ଼ିଛି। ସେ ଆଜି ସକାଳ ସମୟରେ ନିଜ ଶଶୁର ଘର କୋମନା ବ୍ଲକ ପଲସିପାଣି ଗ୍ରାମକୁ ଯାଇ ବାଇକରେ ଫେରୁଥିବା ବେଳେ ଦେଓବାହାଲ ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ବାଇକକୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଯାହାଫଳରେ ନାରଦଙ୍କ ମୁଣ୍ଡରେ ପ୍ରବଳ ମାଡ଼ ହୋଇ ପ୍ରଚୁର ରକ୍ତସ୍ରାବ ହୋଇ ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ନେଇ ଥାନାଧିକାରୀ ପ୍ରଦିପ କୁମାର ଧରୁଆ ସୂଚନା ଦେଇଛନ୍ତି।

## ମତଦାନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୦୭/୪ (ନି.ପ୍ର): ମାଲକାନଗିରି ଜବାହର ନବୋଦୟ ବିଦ୍ୟାଳୟ-୧ ର ଛାତ୍ରଛାତ୍ରୀମାନେ ମତଦାନ କରିବା ନିମନ୍ତେ ଏକ ଅଭିନବ ପ୍ରୟାସ କରିଛନ୍ତି। ବିଦ୍ୟାଳୟର ୩୦୦ ଛାତ୍ରଛାତ୍ରୀ ଚିଠି ମାଧ୍ୟମରେ ତାଙ୍କ ପିତାମାତାଙ୍କୁ ଭୋଟ ଦେବା ନିମନ୍ତେ ଏକ ସଚେତନତା ବାର୍ତା ପ୍ରଦାନ କରିଛନ୍ତି। ଆଗାମୀ ୨୦୨୪ ନିର୍ବାଚନରେ ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱଇଚ୍ଛାରେ କିପରି ମତଦାନ କରିବେ ସେ ବିଷୟରେ ପତ୍ର ମାଧ୍ୟମରେ ତିନିଶହରୁ ଊର୍ଦ୍ଧ୍ୱ ପୋଷ୍ଟକାର୍ଡରେ ବାର୍ତା ଲେଖି ଭୂୟସୀ ପ୍ରଶଂସାର ପାତ୍ର ହୋଇଛନ୍ତି। ଆଜି ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସଭା ଗୃହ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ସମ୍ପନ୍ଧରେ ଏକ ଉତ୍ସବର ଆୟୋଜନରେ ଏହି ତିନି ଶହରୁ ଊର୍ଦ୍ଧ୍ୱ ପୋଷ୍ଟକାର୍ଡ ଉନ୍ମୋଚିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ସି. ଶିବରାମ, ଜିଲ୍ଲା ଯୁବ ରେଡ୍‌କ୍ରସର ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ, କଳା ଶିକ୍ଷୟିତ୍ରୀ ମିନାକ୍ଷୀ ପଣ୍ଡା,ବିଦ୍ୟାଳୟ କାର୍ଯ୍ୟାଳୟ ନିରୀକ୍ଷକ ବି.ଏସ.କେ ସାଇ ଏବଂ ଛାତ୍ରଛାତ୍ରୀମାନଙ୍କ ତରଫରୁ ଛାତ୍ରୀ ପୁଷ୍ପା ବେଟୀ ଓ ସୀମା ମାଡ଼କାମୀ ଉପସ୍ଥିତ ରହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ଓ ବିଦ୍ୟାଳୟର ଅଧ୍ୟକ୍ଷ ସି.ଶିବରାମ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହ ବାଣୀ ପ୍ରଦାନ ସହ ସେମାନଙ୍କର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଓଡ଼ିଆ ଶିକ୍ଷୟିତ୍ରୀ ଅର୍ଚ୍ଚନା ମାରାଣ୍ଡି ପିଲାମାନଙ୍କର ସମସ୍ତ କାର୍ଯ୍ୟକୁ ତଦାରଖ କରିଥିଲେ।

# ଶୁଖିଯାଉଛି ପ୍ରଧାନପାଟ ଜଳପ୍ରପାତ: ହଜିଯାଉଛି ଜଙ୍ଗଲର ଶୋଭାରାଜି, ସତ ହେଲା ରାଜାଙ୍କ ଆଶଙ୍କା



ଦେବଗଡ, ୦୬/୪ (ନି.ପ୍ର): ବଣପାହାଡ଼ ଘେରା ଦେବଗଡ଼ ଜିଲ୍ଲାର ପ୍ରଧାନପାଟ ଜଳପ୍ରପାତ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଛି। ଦେବଗଡ଼ ସହରବାସୀଙ୍କ ଜୀବନଧାରାର ପ୍ରମୁଖ ଉତ୍ସ ଏହି ଜଳପ୍ରପାତ ରାଜରାଜୁଡ଼ା ଅମଳରୁ ଆଜିପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଇ ଆସୁଛି। ଏବେ ଧୀରେ ଧୀରେ ଏହାର ଧାର ଶୁଖି ପାଣି ଝରିବା କମିବାରେ ଲାଗିଲାଣି। ଏ ନେଇ ପରିବେଶପ୍ରେମୀ, ବୁଦ୍ଧିଜୀବୀ ବେଶ୍ ଚିନ୍ତା ପ୍ରକଟ କରିଛନ୍ତି। ଘଞ୍ଚ ଅରଣ୍ୟ ବିଶିଷ୍ଟ ଅପୂର୍ବ ଶୋଭାରାଜି ଏହି ଜଳପ୍ରପାତର ଅବସ୍ଥିତି। କିନ୍ତୁ, ଦୁଃଖର ବିଷୟ ବର୍ତ୍ତମାନ ଜଳପ୍ରପାତର ପାଦଦେଶର ଥିବା ସଂରକ୍ଷିତ ଜଙ୍ଗଲ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଅବାଧ ଗଛ କଟା ଦ୍ୱାରା ଉଭୟ ଜଙ୍ଗଲ ଶୋଭାରାଜି ନଷ୍ଟ ହେବାସହ ଜଳଧାର କମୁଥିବା ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଦେବଗଡ଼ ସହରବାସୀଙ୍କ ପାଇଁ ଦୈନିକ ୩.୬ ଏମ୍‌ଏଲ୍‌ଡି ପାଣି ଆବଶ୍ୟକ। ସେଥିରୁ ପ୍ରଧାନପାଟ ଜଳପ୍ରପାତରୁ ମାତ୍ର ୧ ଲକ୍ଷ ଲିଟର ପାଣି ସଂଗୃହୀତ ହେଉଥିବା ବେଳେ ୧.୪ ଏମ୍‌ଏଲ୍‌ଡି ପାଣି ଗଭୀର ନଳକୂପରୁ ନିଆଯାଉଛି। ଏହିପରି ଭାବେ ସହରବାସୀଙ୍କ ମିଳୁଛି ମାତ୍ର ୨.୪ ଏମ୍‌ଏଲ୍‌ଡି ପାଣି। ଯାହାକି ସେମାନଙ୍କ ଶୋଷ ମେଣ୍ଟାଇ ପାରୁନାହିଁ। ଗୋଟିଏପଟେ ପ୍ରଧାନପାଟର ଜଳଧାର ଶୁଖିଯାଉଥିବା ବେଳେ ଅନ୍ୟପଟେ ଭୂତଳ ଜଳସ୍ତର ବି କମିବାରେ ଲାଗିଛି। ଫଳସ୍ୱରୂପ ପୌରାଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେବାରେ ଲାଗିଛି। ପାଣି ଶୁଖି ଯାଉଥିବାରୁ ଆଗାମୀ କିଛିବର୍ଷ ଭିତରେ ପ୍ରଧାନପାଟ ତା'ର ସତ୍ତା ହରାଇବା ଆଶଙ୍କା ପ୍ରକାଶ ପାଇଛି। ତତ୍‌କାଳୀନ ବାମଣ୍ଡା ରାଜା ସଚିଦାନନ୍ଦ ତ୍ରିଭୂବନ ଦେବ ପ୍ରଧାନପାଟର ସୁରକ୍ଷା ନେଇ ଏକ ମାର୍ବଲ ଖୋଦିତ ଶିଳାଲିପିରେ ଜନସାଧାରଣଙ୍କ ସତର୍କ ସୂଚନା ଲେଖିଥିଲେ। ଦୂରଦର୍ଶୀ ରାଜା ସେ ସମୟରୁ ହିଁ ପ୍ରଧାନପାଟ ଜଙ୍ଗଲ ଧ୍ୱଂସ ଓ ପ୍ରଧାନପାଟ ଜଳପ୍ରପାତର ପାଣି ଶୁଖିବା ନେଇ ଆଶଙ୍କା ପ୍ରକାଶ କରି ଲୋକଙ୍କୁ ସଚେତନ କରିଥିଲେ। ଯାହା ଆଜି ସତ ହେବାକୁ ଯାଉଛି।

# ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୦୬/୦୪ (ନି.ପ୍ର): ଚଳିତ ମାସ ଏପ୍ରିଲ ୧୩ ତାରିଖ ଦିନ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ରାଜ୍ୟ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୩ ଏପ୍ରିଲ ୧୯୪୮ ମସିହାରେ ପ୍ରତିଷ୍ଠା ହୋଇଥିବା ରାଜଧାନୀ ଭୁବନେଶ୍ୱର ଚଳିତ ବର୍ଷ ୭୬ତମ ବର୍ଷରେ ପଦାର୍ପଣ କରୁଛି। ସାଧାରଣ ନିର୍ବାଚନ-୨୦୨୪ ଦୃଷ୍ଟିରୁ ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।



ବୈଠକରେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଶ୍ରୀମତୀ ସୁଜାତା କାର୍ତ୍ତିକେୟନ, ବି.ଡି.ଏ ଉପାଧ୍ୟକ୍ଷ ଶ୍ରୀ ବଲୱନ୍ତ ସିଂହଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳ ତଥା ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା କେନ୍ଦୁପତ୍ର ଉପରେ ଛତିଶଗଡ଼ର ଆଖି: ଜୀବିକା ହରାଇବେ ଓଡ଼ିଆ ଶ୍ରମିକ

ନୂଆପଡ଼ା, ୦୬/୪ (ନି.ପ୍ର): ଓଡ଼ିଶା ସୀମାନ୍ତରେ ଏବେ ଛତିଶଗଡ଼ ଅଞ୍ଚଳର କେନ୍ଦୁପତ୍ର ତୋଳାଳି ମାତିଛନ୍ତି। ଏମାନେ ବହୁସଂଖ୍ୟାରେ ଓଡ଼ିଶା ସୀମାକୁ ଅନୁପ୍ରବେଶ କରି କେନ୍ଦୁପତ୍ର ତୋଳି ନେଉଛନ୍ତି। ଫଳରେ ଏ ଅଞ୍ଚଳରୁ ପ୍ରତିବର୍ଷ କେନ୍ଦୁପତ୍ର ତୋଳୁଥିବା ଓଡ଼ିଆ ଶ୍ରମିକମାନଙ୍କ ହାତରେ ଆଉ କିଛି ଲାଗୁନାହିଁ। ଯଦ୍ୱାରା ସେମାନେ ଜୀବିକା ହରାଇବା ଆଶଙ୍କା ଦେଖାଦେଇଛି। ପୁଣି ଓଡ଼ିଶା ସରକାର ବି ରାଜସ୍ୱ ହରାଇବା ଥୟ। ଏହାସତ୍ତ୍ୱେ ଓଡ଼ିଶା କେନ୍ଦୁପତ୍ର ବିଭାଗ ଏଥିପ୍ରତି ଆଖି ବୁଜିଦେଇଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ନୂଆପଡ଼ା ଜିଲ୍ଲାର ନୂଆପଡ଼ା, କୋମନା ଓ ସିନାପାଲି ବ୍ଲକ୍ ସୀମାନ୍ତରେ ଛତିଶଗଡ଼ ରାଜ୍ୟ ଅବସ୍ଥିତ। ଏହି ବ୍ଲକ୍‌ର ଭରୁଆମୁଣ୍ଡା, ଅମାନାରା, ଧରମବନ୍ଧା, ମୋଟାନୂଆପଡ଼ା, ବେଲଟୁକୁରୀ, କୋମନା ବ୍ଲକ୍ ସୁନାବେଡ଼ା, ସୋସେଙ୍ଗ, କେରମେଲି, ସିନାପାଲି ବ୍ଲକର ନଙ୍ଗଲବୋଡ଼, ଘାଟମାଳ ଓ ନୂଆମାଳପଡ଼ା, କୁସୁମଯୋର, ଝାରବନ୍ଧ ଗ୍ରାମପଞ୍ଚାୟତ ଅବସ୍ଥିତ। ଏହି ପଞ୍ଚାୟତ ଅଞ୍ଚଳରେ ଉନ୍ନତମାନର କେନ୍ଦୁପତ୍ର ମିଳିଥାଏ। ହେଲେ, ଛତିଶଗଡ଼ ପ୍ରଶାସନ ନିଜଅଞ୍ଚଳର ତୋଳାଳିଙ୍କୁ ଲଗାଇ ଏଠାରୁ କେନ୍ଦୁପତ୍ର ସଂଗ୍ରହ କରୁଛି। ଫଳରେ, ଓଡ଼ିଶାର ତୋଳାଳିମାନେ ବଞ୍ଚିତ ହେଉଛନ୍ତି। ଏହି ଅଞ୍ଚଳରୁ ପ୍ରତ୍ୟହ ପ୍ରଚୁର ପରିମାଣର କେନ୍ଦୁପତ୍ର ଚାଲାଣ ହେଉଥିବା ବେଳେ ଓଡ଼ିଶା ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଫଳରେ, ଛତିଶଗଡ଼ ସରକାର ଓ ତୋଳାଳି ମାଲାମାଲ ହେଉଥିବା ବେଳେ ଓଡ଼ିଶା ସରକାର ରାଜସ୍ୱ ହରାଉଥିବା ମନେହେଉଛି। ଓଡ଼ିଶାର କେନ୍ଦୁପତ୍ର ତୋଳାଳିମାନଙ୍କ କହିବା ହେଲା, ଛତିଶଗଡ଼ ଅଞ୍ଚଳର ତୋଳାଳି ଭୋରରୁ ଆସି ସବୁ ନେଇ ଯାଉଛନ୍ତି। ଫଳରେ, ଆମକୁ ଆଉ ଉନ୍ନତ ମାନର ପତ୍ର ମିଳୁ ନାହିଁ। ଛତିଶଗଡ଼ ପ୍ରଶାସନ ତରଫରୁ ଗୋଟିଏ ବିଡ଼ାରେ ୫୨ଟି କେନ୍ଦୁପତ୍ର ବନ୍ଧାଯାଏ। ଗୋଟିଏ ବିଡ଼ାକୁ ୪ ଟଙ୍କା ହିସାବରେ ୧୦୦ ବିଡ଼ାକୁ ୪୦୦ ଟଙ୍କା ସହ ବୋନସ୍ ବାବଦରେ ଟଙ୍କା ଦିଆଯାଉଛି। ହେଲେ, ଓଡ଼ିଶାରେ ଗୋଟିଏ ବିଡ଼ାରେ ୪୪ଟି ପତ୍ର ବନ୍ଧାଯାଏ। ଯାହା ୧୦୦ ବିଡ଼ାକୁ ୨୮୦ ଟଙ୍କା ସହିତ କିଛି ବୋନସ୍ ଟଙ୍କା ଦିଆଯାଉଛି। ଉକ୍ତ ବୋନସ୍ ପତ୍ର ସଂଗ୍ରହ ଆଧାରରେ ଦିଆଯାଏ। ଚଳିତବର୍ଷ କେତେ ବୋନସ୍ ମିଳିବ ତାହାର ବି ଠିକଣା ନାହିଁ ବୋଲି ଓଡ଼ିଶା ତୋଳାଳିମାନେ ପ୍ରକାଶ କରିଛନ୍ତି। ଏଥିପ୍ରତି ଓଡ଼ିଶା ପ୍ରଶାସନ ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେପ ନେବାକୁ ସେମାନେ ଦାବିକରିଛନ୍ତି।



# ଏସପି ବ୍ରିଜେଶ କୁମାର ରାୟଙ୍କ ଯୋଗଦାନ: କହିଲେ ଶାନ୍ତି ଶୃଂଖଳାର ସହ ନିର୍ବାଚନ କରାଯିବ

ରାଉରକେଲା, ୦୭/୪ (ନି.ପ୍ର): ଆଇପିଏସ ବ୍ରିଜେଶ କୁମାର ରାୟ ଆଜି ରାଉରକେଲା ଏସପି ଭାବେ ଯୋଗଦାନ କରିଛନ୍ତି। ଏହି ଅବସରରେ ସେ ମିଡିଆକୁ କହିଛନ୍ତି ଯେ, ଆଗାମୀ ନିର୍ବାଚନକୁ ଶାନ୍ତି ଶୃଂଖଳାର ସହ କରାଜିବା ସହ ରାଉରକେଲା ପୁଲିସ ଜିଲ୍ଲାରେ ଲୋକଙ୍କୁ ଅଧିକରୁ ଅଧିକ କିଭଳି ପୁଲିସ ସେବା ଦେଇ ହେବ ତାହା ତାଙ୍କର ପ୍ରାଥମିକତା ରହିବ।

ଏଠାରେ ଉଲ୍ଲେଖଯୋଗ୍ୟ, ନିର୍ବାଚନ କମିଶନଙ୍କ ପକ୍ଷରୁ ପୂର୍ବତନ ଏସପି ମିତ୍ରଭାନୁ ମହାପାତ୍ରଙ୍କର ଏଠାରୁ ବଦଳି କରାଜିବା ସହ ଆଇପିଏସ ଶ୍ରୀ ରାୟଙ୍କୁ ଗତକାଲି ନିଯୁକ୍ତି ଦିଆଯାଇଥିଲା, ସେ ଆଜି ଯୋଗଦାନ କରି ପ୍ରଥମେ ଡିଆଇଜି ପଶ୍ଚିମାଂଚଳଙ୍କୁ ଭେଟିଥିଲେ। ପରେ ବିଭିନ୍ନ ଥାନାରୁ ଆସିଥିବା ଅଧିକାରୀ, ରେଳବାଇ ଏସପି ପି.କେ. ମିଶ୍ର ପ୍ରମୁଖଙ୍କୁ ଭେଟି ଅଂଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପରେ ମିଡିଆର ଏକ ଦଳକୁ ଭେଟିଥିଲେ। ମିଡିଆର ବିଭିନ୍ନ ପ୍ରଶ୍ନର ଉତର ଦେଇ ସେ କହିଥିଲେ ଯେ, ସେ ଏହା ପୂର୍ବରୁ ବ୍ରହ୍ମପୁର ଓ ନବରଂଗପୁରରେ ନିର୍ବାଚନ କରାଇବାରେ ସହଯୋଗ କରିଛନ୍ତି, ରାଉରକେଲା ପୁଲିସ ଜିଲ୍ଲା ଅଂଚଳରେ ସେ ଶାନ୍ତିପୁର୍ଣ ଭାବେ ନିର୍ବାଚନ କରାଇବେ ଓ ଲୋକେ ତାଙ୍କୁ ସହଯୋଗ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହା ଛଡା ଜିଲ୍ଲାରେ କିଭଳି ଲୋକଙ୍କୁ ଅଧିକରୁ ଅଧିକ ପୁଲିସ ସେବା ଯୋଗାଇ ଦେଇ ହେବ ସେ ଦିଗରେ ଅଧିକ ଗୁରୁତ୍ୱ ଦିଆଜିବ ବୋଲି ସେ କହିଛନ୍ତି। ଶ୍ରୀ ରାୟ ଯୋଗଦାନ କରିବା ଆଗରୁ ସହରରେ ଟ୍ରାଫିକ ସମସ୍ୟା ଏକ ପ୍ରକାର ଭୁଷୁଡି ପଡିଥିବା ବେଳେ ଦୃତ ଗତିରେ ଗାଡି ଚାଳନା ବିନା ହେଲମେଟରେ ଗାଡି ଚାଳନା ବଢି ଚାଲିଛି ଓ ସହରରେ ଦୁର୍ଘଟଣା ମାନ ମଧ୍ୟ ବଢିଛି। ସେହିଭଳି ଗୁରୁତ୍ୱପୁର୍ଣ ଥାନା ଗୁଡିକରେ ଥିବା ଅଧିକାରୀ ମାନେ ଲୋକଙ୍କୁ ଭେଟୁ ନଥିବା ବେଳେ ତଳିଆ ଅଫିସର ମାନଙ୍କ ଉପରେ ସବୁ କିଛି ଛାଡି ଦେଉଛନ୍ତି ଫଳରେ ଲୋକେ ଅନେକ ଯାଗାରେ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି ଓ କଥା ଏସପି ଅଫିସ ଯାଏ ଯାଉଛି। ଲୋକ ସଂପର୍କ ଏକ ପ୍ରକାର ଏହି ପୁଲିସ ଜିଲ୍ଲାରେ ଭୁଷୁଡି ପଡିଛି ଏହାକୁ ସଜାଡିବା ନିହାତି ଆବଶ୍ୟକ ବୋଲି ଅନେକ ଅବସରପ୍ରାପ୍ତ ପୁଲିସ ଅଧିକାରୀ କହିଛନ୍ତି। ରାଉରକେଲା ପୁଲିସ ଜିଲ୍ଲାରେ ଆସିଷ୍ଟାଂଟ କଲେକ୍ଟର ଶୁଶ୍ମିତା ମିଂଜ ଓ ଉଦିତନଗର ଥାନା ମହିଳା ଏଏସଆଇଙ୍କ ମୃତ୍ୟୁ ମାମଲାରେ ସେମାନଙ୍କ ପରିବାର ଲୋକେ କରିଥିବା ଅଭିଯୋଗକୁ ନେଇ ପୁଲିସ ଏଯାଏ କୌଣସି ଉତର ଦେଇପାରିଲାନି, ସେମାନଙ୍କୁ ଏକ ପ୍ରକାର ଅଦୃଶ୍ୟ ଶକ୍ତି ମାଧ୍ୟମରେ ନିରବ କରିଦିଆଗଲା ଓ ସେମାନେ ନ୍ୟାୟ ପାଇପାରିଲେନି ବୋଲି ଆଜିଯାଏ ତାହା ସେମାନଙ୍କ ପରିବାର ଭିତରେ ଦୁଃଖ ରହିଛି, ଏସବୁ ପ୍ରତି ରାଉରକେଲାର ନୂତନ ଏସପି ଦୃଷ୍ଟି ଦେବେ ବୋଲି ସାଧାରଣରେ ଆଶା କରାଯାଉଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଏପ୍ରିଲ ୨୦୨୪
email :
rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୪୬
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ତୁ ଉପଯୁକ୍ତ କାର୍ଯ୍ୟ କରିଛୁ ଲକ୍ଷ୍ମଣ । ମାୟାବୀ ରାକ୍ଷସୀ ମୋତେ ସ୍ୱାମୀ ଭାବରେ ପାଇ ସୀତାକୁ ହତ୍ୟା କରିଦେବା ପାଇଁ ମୋତେ ମଧ୍ୟ ଧମକ ଦେଇଥିଲା ।

ପ୍ରଭୁଙ୍କ କଥା ଶୁଣି ମୁଁ ପାଟି କରି କହିଥିଲି, ଆପଣ ଏ କ'ଣ କଲେ ସ୍ୱାମୀ । ଆମେ ଶ୍ୱାପଦ ସଂକୁଳ ଅରଣ୍ୟ ମଧ୍ୟରେ ରହୁଛେ । ଲଙ୍କପତି ରାବଣ, ଭଉଣୀର ବିଭତ୍ସ ରୂପ ଦେଖି କ୍ରୋଧରେ ଜର୍ଜରିତ ହୋଇ ସେ ଯଦି ଆମକୁ ଆକ୍ରମଣ କରେ...

ମୋ ତୁଣ୍ଡରୁ ବଚନ ନସରୁଣୁ ମୋ ସ୍ୱାମୀ କହିଥିଲେ, ଜାନକୀ ତୁମେ କ'ଣ ଭାବୁଛ ମୁଁ ଲଙ୍କପତି ରାବଣକୁ ଭୟ କରୁଛି । ଭୟରେ ଯାଇ ମୁଁ ତା ଠାରୁ କ'ଣ କ୍ଷମା ଭିକ୍ଷା କରିବି । ଲକ୍ଷ୍ମଣ ଉଚିତ କର୍ମ କରିଛି ଦେବୀ । ସେଭଳି ଉତ୍‌ଶୃଙ୍ଖଳ ନାରୀ ଏମିତି ଶାସ୍ତି ପାଇବା ଉଚିତ । ଲକ୍ଷ୍ମଣ ସେ ଆମକୁ ସତର୍କ କରି ଦେଇଗଲା । ରାବଣ ପ୍ରକୃତରେ ମହା ପ୍ରତାପୀ । ସେ ହୁଏତ ଆମକୁ ଆକ୍ରମଣ କରିପାରେ । ମୋ ସ୍ୱାମୀଙ୍କ କଥା ଶୁଣି ଲକ୍ଷ୍ମଣ କହିଥିଲେ ଆପଣ ଭୟ କରନ୍ତୁ ନାହିଁ ଭ୍ରାତା। ଆପଣଙ୍କର ଏ ଅନୁଜ ଏକା ରାବଣ ସହିତ ଲଢ଼ି ତାକୁ ପରାସ୍ତ କରିପାରିବ ।

ତୁମେ ଠିକ୍ କହିଛ ଲକ୍ଷ୍ମଣ । ମୁଁ ଭାବୁଛି ଶତ୍ରୁକୁ ସାନ ନମଣି ଆମେ ଏଠାରେ କିଛିଦିନ ରହି ପଞ୍ଚବଟୀ ଛାଡ଼ି ଚାଲିଯିବା ।

ତାଙ୍କ କଥା ଶୁଣି ମୁଁ କହିଥିଲି ନା ପ୍ରଭୁ ନା। ଏ ସ୍ଥାନର ପ୍ରାକୃତିକ ପରିବେଶ ବେଶ୍ ମନୋମୁଗ୍ଧକର । ଆମେ କ'ଣ ରାବଣଙ୍କୁ ଡରି ଏ ସ୍ଥାନ ଛାଡ଼ି ଚାଲିଯିବା ?

ନା ସୀତେ ତାହା ନୁହେଁ । ଏଇ ଚଉଦବର୍ଷ ଭିତରେ ଆମେ ସମସ୍ତ ଆର୍ଯ୍ୟାବର୍ତ୍ତ ବୁଲି ଦେଖିବା। ଗୋଟାଏ ସ୍ଥାନରେ ସବୁଦିନ ରହିବା କାହିଁକି ?

ଆପଣ ଯାହା କହିବେ ଯାହା ଚାହିଁବେ, ତାହାହିଁ ହେବ ସ୍ୱାମୀ । ଏଠାରେ ଆଉ କିଛିଦିନ ରହି ଆମେ ଏ ସ୍ଥାନ ପରିତ୍ୟାଗ କରିବା ।

ତୁମ ଆଶା ଚରିତାର୍ଥ ହେବ ଦେବୀ । ଅଳ୍ପଦିନ ପରେ ଆମେ ପଞ୍ଚବଟୀ ଛାଡ଼ିବା । ଏବେ ଗୁମ୍ଫା ଭିତରକୁ ବିଜେ କରିବା ଦେବୀ । ରାତ୍ରି ଦ୍ୱିତୀୟ ପ୍ରହରକୁ ବଳିଗଲାଣି । ଲକ୍ଷ୍ମଣ, ତୁମେ ଯାଇ ଭୋଜନ କରି ବିଶ୍ରାମ ନିଅ । ଆଉ ଅଳ୍ପ ସମୟ ପରେ ସୀତାଙ୍କୁ ନେଇ ମୁଁ ଯାଉଛି ।

ଭାଇଙ୍କ ଆଜ୍ଞା ମାନି ଲକ୍ଷ୍ମଣ ଆମ ପାଖରୁ ବିଦାୟ ନେଇଥିଲେ ।

ଦୀର୍ଘଶ୍ୱାସଟିଏ ଛାଡ଼ି ମୋ ସ୍ୱାମୀ କହିଥିଲେ ନିୟତି ତୁ ଆମ ଭାଗ୍ୟରେ କ'ଣ ଲେଖିଛୁ ତାହା ତୋତେ ହିଁ ଜଣା । କେବେ ସରିବ ଏ ବନବାସର ଦୁଃଖ । କେବେ ଆମେ ଅଯୋଧ୍ୟାକୁ ଫେରିବା ।

ପ୍ରଭୁଙ୍କ ମୁଖରୁ ଏପରି ହତାଶା ପୂର୍ଣ୍ଣ ବାଣୀ ଶୁଣି ମୁଁ କହିଥିଲି ସ୍ୱାମୀ ଆପଣ ତ ମୋତେ ଶିଖାଇଛନ୍ତି ବିଧାତା ଲଲାଟରେ ଯାହା ଲେଖିଛି ତାହା ନିଶ୍ଚୟ ଫଳିବ । ସବୁ ଜାଣି ଆପଣ ଏମିତି ଦୁଃଖିତ ହେଉଛନ୍ତି କାହିଁକି ?

ମୋତେ କୋଳକୁ ଆଉଜାଇ ନେଇ ମୋ ସ୍ୱାମୀ କହିଥିଲେ, ସବୁଜାଣି ମଧ୍ୟ ମଣିଷ ବେଳେବେଳେ ଅଜଣା ହୋଇ ଯାଇଥାଏ ସୀତେ। ରାତି ଅନେକ ହେଲାଣି ଚାଲ ଏବେ କୁଟୀରକୁ ବିଜେ କରିବା । ଏହାକହି ମୋ ସ୍ୱାମୀ ମୋ ହାତଧରି ଆମ କୁଟୀରକୁ ପାଦ ପକାଇଥିଲେ ।

**॥ ଦଶ ॥**

ବନବାସର ଦିନଗୁଡ଼ିକ ବେଶ୍ ଆନନ୍ଦରେ କଟି ଯାଉଥାଏ ସୁଧାମୟୀ । ପାଖରେ ଆଳାପ କରିବା ପାଇଁ କେହି ନଥିଲେ ବି ଆମେ ସ୍ୱାମୀ ସ୍ତ୍ରୀ ଦୁଇଜଣ ବନ ପ୍ରକୃତିରେ ହଜିଯାଇ, ଫଳମୂଳ ଆହାର କରି, ମହା ସୁଖରେ ସମୟ ବିତାଇ ଦେଉଥାଉ । ଲକ୍ଷ୍ମଣ ଆମ ସହିତ ବଣକୁ ଯାଇଥିଲେ ହେଁ ସେ କେବେ ଆମମାନଙ୍କ ପାଖରେ ରୁହନ୍ତି ନାହିଁ । ରାତି ପାହିଲେ ଫଳ, ମୂଳ ଆହରଣ ବାହାନରେ ସେ ବାହାରି ଯାଆନ୍ତି । ବେଳ ପାଞ୍ଚଘଡ଼ିକୁ ସେ ନାନା ଜାତରି ଫଳ ସବୁ ଆଣି ଅଜାଡ଼ି ଦେଇ ପୁଣି ଅରଣ୍ୟକୁ ଚାଲିଯାଆନ୍ତି। ପଞ୍ଚବଟୀରେ କିଛିଦିନ ଅତିବାହିତ ହେବାପରେ ଆମେ ଅନ୍ୟତ୍ର ଯିବାପାଇଁ ପ୍ରସ୍ତୁତ ହେଉଥାଉ । ମୋ ସ୍ୱାମୀ ମୋତେ କହିଥିଲେ ସୀତେ ! ଆମେ ଏହି ଦୁଇ ତିନି ଦିନ ମଧ୍ୟରେ ପଞ୍ଚବଟୀ ଛାଡ଼ିଦେବା । ହେଲେ ଭାଗ୍ୟର ବିଡ଼ମ୍ବନା ଆମ ପାଇଁ ଡାକି ଆଣିଥିଲା ଅନ୍ୟ ଏକ ମହାବିପଦକୁ । ଯେଉଁ ବିପଦ ପାଇଁ ସାରାଜୀବନ ସୀତା ଜଳି ମରୁଛି । ମୁଁ ଯଦି ଜିଦ୍ କରି ପଞ୍ଚବଟୀରେ ଆଉ କିଛିଦିନ ରହିବାପାଇଁ ସ୍ୱାମୀଙ୍କୁ ପ୍ରବର୍ତ୍ତାଇ ନଥାନ୍ତି, ତାହେଲେ ଆଜି ମୋତେ ଏପରି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିନଥାନ୍ତା ।

ସବୁଦିନ ପରି ସେଦିନ ପ୍ରଭାତ ମୁହୂର୍ତ୍ତରୁ ମୁଁ ଶଯ୍ୟା ତ୍ୟାଗ କରି ଦେଖେଁ ତ ସ୍ୱାମୀ ମୋର କିଛି ଦୂରରେ ବସି ପଥରରେ ଶରକୁ ଧାର କରୁଛନ୍ତି । ସୂର୍ଯ୍ୟ ଉଦୟ ପୂର୍ବରୁ ସ୍ନାନ ସାରିବି ବୋଲି ଇଚ୍ଛାକରି ସ୍ୱାମୀଙ୍କ ପାଖକୁ ନଯାଇ ମୁଁ ସିଧା ଗୋଦାବରୀକୁ ସ୍ନାନ ପାଇଁ ବାହାରି ପଡ଼ିଥିଲି । ମୁଁ ଜାଣେ, ମୁଁ ଆଗେଆଗେ ଗଲେ ସେ ପଛରେ ଧନୁ ଧରି ଯିବେ । ସେଦିନ ସେ କିନ୍ତୁ ସେ ମୋ ପଛରେ ଯାଇନଥିଲେ । ଶର ଶାଣ ଦେବାରେ ସେ ଏତେ ମଗ୍ନଥିଲେ ଯେ, ମୋ ପ୍ରସ୍ଥାନକୁ ଜାଣିପାରି ନଥିଲେ । ମୁଁ ନଦୀକୂଳରେ ପହଞ୍ଚି ଲତା ମାନଙ୍କରେ ଫୁଟିଥିବା କିଛି ଫୁଲକୁ ଦେଖି ମୁଗ୍ଧ ହୋଇ ଫୁଲ ଚୟନରେ ମନ ବଳାଇଥିଲି । ଫୁଲ ତୋଳୁତୋଳୁ ଲତା ଗହଳରେ ଏକ ସୁନ୍ଦର ହରିଣୀ ବୁଲୁଥିବାର ଦେଖିଲି । ସେ ହରିଣୀକୁ ଦେଖି ଆଖି ମୋର ଖୁସି ହୋଇ ଯାଇଥିଲା । ଆହା କି ସୁନ୍ଦର ସେ ହରିଣୀର ରୂପ ! ଆଉଟା ସୁନାଭଳି ତାର ଶରୀର ଦେଖା ଯାଉଥାଏ । ସେହି ହାଟକ ବରନୀ ହରିଣୀ ଦେହରେ ଆକାଶର ତାରା ଭଳି ଧବଳ ରଂଗର ଟୋପିଟୋପି ଚିହ୍ନ । ହରିଣୀ ମୋ ସମ୍ମୁଖରେ ଡେଇଁଡେଇଁ ବୁଲୁଥିବାର ଦେଖି ମୁଁ ତାକୁ ଧରିବାକୁ ଚେଷ୍ଟା କରିଥିଲି । ହେଲେ ମୋ ପାଖକୁ ଆସି ସେ ପୁଣି ଦୂରେଇ ଯାଉଥାଏ । ମୁଁ ଯେତେ ଚେଷ୍ଟାକଲେ ମଧ୍ୟ ତାକୁ ଧରିପାରିଲି ନାହିଁ । ମନେମନେ ଭାବିଲି ସହଳ ସ୍ନାନ ସାରି ଯାଇ ମୋ ସ୍ୱାମୀଙ୍କୁ ଏ ହରିଣୀ ସମ୍ପର୍କରେ କହିବି । ଏହି ହେମହରିଣୀକୁ ସେ ମୋତେ ଧରି ଆଣିଦେବେ । ମୁଁ ତାକୁ ମୋ ପାଖରେ ରଖିବି । ତାର ଲାଳନ ପାଳନ କରିବି । ଏହିକଥା ଭାବି ମୁଁ ଗୋଦାବରୀରେ ଶୀଘ୍ର ସ୍ନାନ ସାରି ଗୁମ୍ଫା ନିକଟକୁ ଫେରି ଆସିଥିଲି । ମୁଁ ଆସିବା ବାଟରେ ଦେଖୁଥାଏ ସେ ସ୍ୱର୍ଣ୍ଣ ହରିଣୀ ମୋ ଆଗେଆଗେ ଧାଇଁ ଧାଇଁ ଚାଲିଥାଏ । ଗୁମ୍ଫା ନିକଟରେ ପହଞ୍ଚନ୍ତେ, ମୋ ସ୍ୱାମୀ ପ୍ରଶ୍ନ କରିଥିଲେ, ସୀତେ ଆଜି ଏ କି ବିପରୀତ କଥା ମୁଁ ଦେଖୁଛି । ପ୍ରତ୍ୟେକ ଦିନ ସ୍ନାନ ପାଇଁ ଗଲେ ତୁମେ ମୋତେ ସୂଚନା ଦେଇ ସାଂଗରେ ନେଇ ଯାଅ । ଆଜି ମୋତେ କିଛି ନକହି, ଏକାକୀ ଯାଇ ନଦୀରୁ ସ୍ନାନ ସାରି ଫେରି ଆସିଲ ? ମୁଁ ଭାବୁଛି ୟା' ଭିତରେ ତୁମେ ଖୁବ୍ ସାହସିନୀ ହୋଇଗଲଣି ।

ସ୍ୱାମୀ କ'ଣ କହୁଥାନ୍ତି ମୁଁ ତାହା ଶୁଣି ପାରୁନଥାଏ । ମୋର ଏକମାତ୍ର ଧ୍ୟାନ ଥାଏ ସେହି ସୁନାହରିଣୀ ଉପରେ । ସ୍ୱାମୀଙ୍କୁ ଶୁଣାଇ ମୁଁ କହିଥିଲି, 'ଏଇ ଦେଖ ଦେଖ ପ୍ରଭୁ । କି ସୁନ୍ଦର ସୁନାର ହରିଣୀଟିଏ ଡେଇଁଡେଇଁ ବୁଲୁଛି । ଆପଣ ତାକୁ ମୋତେ ଆଣି ଦିଅନ୍ତୁ ପ୍ରଭୁ ।'

ମୋ କଥା ଶୁଣି ସ୍ୱାମୀ ମୋର ଏଣେତେଣେ ଅନାଇ ସେ ହରିଣୀକୁ ଦେଖି କହିଥିଲେ, ଜାନକୀ ! ଏ କି ଅଦ୍ଭୁତ କଥା । ସୁନାର ଗଠିତ ହରିଣୀ, ପୁଣି ଜୀବନ୍ତ । ଏହା କେମିତି ସମ୍ଭବ ହେଲା । ଏହା ମାୟା ଦେବୀ । ଏପରି ଅସମ୍ଭବ ସମ୍ଭବ ହେଲା କେମିତି ? (କ୍ରମଶଃ)

❤ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

---

## ଆଲୋଚନା

# ସରଳ ବିଧାୟକ, ବିରଳ ବିଧାୟିକା



**ସୁବ୍ରତ ପଟ୍ଟନାୟକ**

ବିଧାୟକ, ବିଧାୟିକା ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ କେତେ ? ଟଙ୍କା ଖର୍ଚ୍ଚ କଲେ, କେତେ ଲାଭ ? ଟଙ୍କା କେଉଁଠୁ ଆସେ ? କେଉଁ ବାଟରେ ଖର୍ଚ୍ଚ ହୁଏ ? ଏଭଳି ଅନେକ ପ୍ରଶ୍ନ ଜନସାଧାରଣ ପଚାରନ୍ତି । ଉତ୍ତର ପାଇବା ବି ମୁସ୍କିଲ । କିଏ କେତେ ପ୍ରକାର ତରିକା ବତାନ୍ତି । ତେବେ, ଆମେ ଯେତିକି ତଥ୍ୟ ହାସଲ କରୁ, ସେଥିରୁ ଅନେକ ଗୁଢ଼ ରହସ୍ୟ ଜାଣିହେବ ।

ନିର୍ବାଚନ ଆଦର୍ଶ ଆଚରଣ ବିଧି ଅନୁଯାୟୀ ଜଣେ ବିଧାୟକ ପ୍ରାର୍ଥୀ ଖର୍ଚ୍ଚ କରିପାରିବେ ସର୍ବାଧିକ ୪୦ଲକ୍ଷ ଟଙ୍କା । ପୂର୍ବରୁ ଏହା ଥିଲା ୨୮ ଲକ୍ଷ । ତାକୁ ବଢ଼ାଯାଇଛି । ସେଥିରେ ବି ବିଧାୟକ ଗଣ ସନ୍ତୁଷ୍ଟ ନାହାନ୍ତି । ଖର୍ଚ୍ଚ ସିଲିଂ ୫୦ ଲକ୍ଷ କରାଯିବାକୁ ହେଉଚି ଦାବି। ଏହି ଟଙ୍କାକୁ ଫ୍ଲେକ୍ସ, ପୋଷ୍ଟର, ପତାକା, ବିଜ୍ଞାପନ, ରାଲି, ସଭା ସମିତି ଆଦିରେ ଖର୍ଚ୍ଚ କରାଯିବ । ଭୋଜି ଭାତ, ମଦ ମାଂସ, ନିଶାପାଣି ପୁରାପୁରି ବନ୍ଦ । 'ଭୋଟ ପାଇଁ ନୋଟ୍' କାରବାରରେ ଟଙ୍କିକିଆ କଏନ୍‌ଟିଏ ବି ଭୋଟରକୁ ଦେଇ ହେବନାହିଁ । ନିର୍ବାଚନ ଅଧିକାରୀଙ୍କୁ ସବୁ ଖର୍ଚ୍ଚର ଟିକିନିଖି ରସିଦ୍ ପ୍ରାର୍ଥୀ ଦେବାକୁ ବାଧ୍ୟ । ନିର୍ବାଚନକୁ ସ୍ୱଚ୍ଛ, ନିର୍ମଳ ଓ ନିରପେକ୍ଷ କରାଯିବାକୁ ଏଭଳି କଡ଼ା ନିୟମ ଖଞ୍ଜା । ଏସବୁ କଥା ଆମ କାନକୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ଭଜନ ଭଳି ଖୁବ୍ ମଧୁର ଲାଗୁଛି । ଏହା ଧ୍ରୁବ ସତ୍ୟ ।

ମାତ୍ର ବାସ୍ତବ ଚିତ୍ରଟି ସମ୍ପୂର୍ଣ୍ଣ ଭିନ୍ନ । ଦଳୀୟ ଟିକେଟ୍ ହାସଲ କରିବାକୁ ନାନା ରକମର ପାଲା । ପାର୍ଟି ପାଣ୍ଠିକୁ ଟଙ୍କା ଦେବାକୁ ବି ଆଶାୟୀ ପ୍ରାର୍ଥୀଙ୍କ ଧରାପରା । ଯେତେ ଆଶାୟୀ, ସେତେ ଟଙ୍କା । ସରକାରୀ ଦଳ ଟିକେଟ୍ ଚାହିଦା ସବୁଠୁ ବେଶୀ । ତା ପଛକୁ ପ୍ରମୁଖ ବିରୋଧୀ ଦଳ । ଜିତିବା, ହାରିବା ଦୁଶ୍ରା କଥା । କେବଳ ଦଳୀୟ ପାଣ୍ଠିକୁ ମୋଟା ଅଙ୍କର ଚାନ୍ଦା ଦେଲେ ଚଳିବ ନାହିଁ । ଏ ଖେଳରେ ଯେଉଁ ପ୍ରାର୍ଥୀ ମାହିର୍, ସେ ହାଇକମାଣ୍ଡ, ପ୍ରଭାରୀ, ପର୍ଯ୍ୟବେକ୍ଷକ, ଚୟନ କର୍ମକର୍ତ୍ତାଙ୍କ ପକେଟ୍ ଗରମ୍ କରିବାରେ ଓସ୍ତାଦ୍ । କେବଳ ଟଙ୍କା ପଇସା ଅଜାଡ଼ି ଦେଲେ ଯେ ଟିକେଟ୍ ମିଳିବ ତା ନୁହେଁ, ସେଥିପାଇଁ କରିବାକୁ ପଡ଼ିବ ଜୋର୍‌ଦାର୍ ଲବି । ଦଳୀୟ କାର୍ଯ୍ୟାଳୟ ଆଗରେ କରାଯିବ କସରତ, ପଟୁଆର । ନିର୍ବାଚନ ମଣ୍ଡଳିରୁ ଦାମୀ ଗାଡ଼ିରେ ବୁହାହେବେ ଶହ ଶହ ସମର୍ଥକ। ସମସ୍ତଙ୍କ ପାଇଁ ବିଳାସପୂର୍ଣ୍ଣ ହୋଟେଲରେ ରହଣି ବ୍ୟବସ୍ଥା ହେବ । ଖାଇବା, ପିଇବା ଖର୍ଚ୍ଚ ସମ୍ପୂର୍ଣ୍ଣ ମାଗଣା । ପେଟ୍ରୋଲ, ଡିଜେଲ୍ ଖର୍ଚ୍ଚ ପଚାରେ କିଏ ? ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଏକ ରୋଚକ ଗୁପ୍ତ ତଥ୍ୟ ପ୍ରଘଟ କରୁଚି । କେନ୍ଦୁଝର ଜିଲ୍ଲାର ଜଣେ ନେତାଙ୍କୁ ଆମେ ଭୁବନେଶ୍ୱରରେ ଭେଟିଲୁ । ସେ କହିଲେ, ପ୍ରାୟ ଦୁଇ ସପ୍ତାହ ଧରି ଦାମୀ ହୋଟେଲରେ ଅଛନ୍ତି । କାରଣ ହେଲା, ଗୋଟିଏ ନିର୍ବାଚନ ମଣ୍ଡଳିର ତିନିଜଣ ଆଶାୟୀ ପ୍ରାର୍ଥୀଙ୍କ ପାଇଁ ସେ କରୁଛନ୍ତି ଲବି । ଏକଥା ଶୁଣି ଆମେ ମୁଣ୍ଡରେ ହାତ ଦେଲୁ। ଧନ୍ୟରେ ନେତା, ତମକୁ ସାବାସ୍ ! ! ଦଳର ସୁପ୍ରିମୋ କାହା ମୁଣ୍ଡରେ ସୁନା କଳସ ଢାଳିବେ, ତାର ଠିକ୍ ଠିକଣା ନଥାଏ । ତଥାପି ଆଶାୟୀ ପ୍ରାର୍ଥୀଙ୍କ ଆଶା 'ଶେଯରେ ରାଜକନ୍ୟା' ଭଳି ଝଲସୁଥାଏ । ସେଥିପାଇଁ କୋଟିଏ ଟଙ୍କା ଖର୍ଚ୍ଚ ହେଲେବି, ନଥାଏ କୁଣ୍ଠା । କେତେ ଧନୀ ଓ ପ୍ରଭାବଶାଳୀ ପ୍ରାର୍ଥୀ କେବଳ ନାମାଙ୍କନ ପତ୍ର ଦାଖଲ ସମୟରେ ଖର୍ଚ୍ଚ କରାନ୍ତି ୪୦ରୁ ୫୦ ଲକ୍ଷ । ଡିଜେ, ବାଜା, ବାଣ, ବାଇକ୍, କାର୍ ରାଲି, ଭୋଜିଭାତର ହିସାବ ନାହିଁ । ଆଶ୍ଚର୍ଯ୍ୟର କଥା- ଏସବୁ ଖର୍ଚ୍ଚ 'ତାଲିକାଭୁକ୍ତ' ହୁଏନାହିଁ । ସବୁ ସମର୍ଥକ ମନକୁ ମନ ଠୁଳ ହୋଇଛନ୍ତି ବୋଲି ଦିଆଯାଏ ସଫେଇ । ଏହି କଥାକୁ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଅତି ସହଜରେ ମାନି ନିଅନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଚି, ପ୍ରତ୍ୟେକ ଜିନିଷର ସତ୍ୟାସତ୍ୟ ପରଖିବା ପାଇଁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଆବଶ୍ୟକ କଳ, ବଳ କୌଶଳ ଓ କର୍ମଚାରୀଙ୍କ ଘୋର ଅଭାବ । ଏ ସତ୍ୟଟି ସମ୍ପୂର୍ଣ୍ଣ ଜଳଜଳ ।

ଆମେ ଛୋଟିଆ ହିସାବଟିଏ ଦେଉଚେ । ଜଣେ ବିଧାୟକ /ବିଧାୟିକାଙ୍କ ଭତ୍ତା ବା ପରୋକ୍ଷ ଦରମା ମାସକୁ ଏକଲକ୍ଷ। ପାଞ୍ଚ ବର୍ଷରେ ଷାଠିଏ ଲକ୍ଷ । ଏତିକି ଦରମା ପାଇବାକୁ ଜଣେ ଆଗୁଆ ଖର୍ଚ୍ଚ କରିବ ଚାଳିଶ ଲକ୍ଷ । ଇୟେତ ବିଚିତ୍ର ବ୍ୟବସାୟ ନୀତି ? ଆଉ ଗୋଟାଏ ଉଦାହରଣ ଦେଉଚୁ । ଧରି ନିଅନ୍ତୁ ଗୋଟାଏ ବିଧାନସଭା ନିର୍ବାଚନ ମଣ୍ଡଳିରେ ଛଅ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ସମସ୍ତେ ସମାଜସେବା ପାଇଁ ଉତ୍ସର୍ଗୀକୃତ । ୫୦ ଲକ୍ଷ ଟଙ୍କା ହିସାବରେ ସେମାନଙ୍କର ମୋଟ ନିର୍ବାଚନୀ ଖର୍ଚ୍ଚ ପାଖାପାଖି ଅଢ଼େଇ କୋଟି । ସେମାନେ ଏହି ଟଙ୍କାକୁ ମିଳିମିଶି ନିର୍ବାଚନ ମଣ୍ଡଳିର ବିକାଶରେ ଲଗାଇଲେ, ଏରିଆ ଝଲ୍‌ସି ଯାଆନ୍ତା । ସେମିତି ହେଉଚି କି ? ଏ ପ୍ରସ୍ତାବଟି ଆମେ କେବଳ କଥାକୁ କହୁଚେ । କାହାକୁ ବାଧ୍ୟ କରିବାକୁ ଚାହୁଁନେ । ନିର୍ବାଚନ ଲଢ଼ିବା ପ୍ରାର୍ଥୀଙ୍କର ମୌଳିକ ଅଧିକାର ପ୍ରାର୍ଥୀ ଲଢ଼ିବେ ଓ ଜିତିବା ପାଇଁ ବିଭିନ୍ନ କଳ କୌଶଳ ଅବଲମ୍ବନ କରିବେ ।

ଯଦି ବିଧାୟକ ହେବା ପାଇଁ ଏବେ ବିପୁଳ ଅର୍ଥ ଖର୍ଚ୍ଚ, ତହେଲେ ସେଥିପାଇଁ ଏତେ ଧରାପରା କାହିଁକି ? ଏହାର ସରଳ ଉତ୍ତର- ହାତୀ ଜିଇଁଲେ ଲକ୍ଷେ, ମଲେ ବି ଲକ୍ଷେ । କେବଳ ବିଧାୟକ ବା ବିଧାୟିକା ୫ବର୍ଷ ଧରି ମୋଟା ଅଙ୍କର ଟଙ୍କା କମାଇବେ ତା ନୁହେଁ, ପଦ ଚାଲିଯିବା ପରେ ବି ସମାନ ଆକାରର ପେନ୍‌ସନ୍ ପାଇବେ । ଥରେ ନିର୍ବାଚନ ଜିତିଗଲେ ତିନି ପୁରୁଷ ପାଇଁ କଛେ ବାର । ତେବେ ଯେଉଁ ବିଧାୟକ, ବିଧାୟିକା ୫ ବର୍ଷ କାର୍ଯ୍ୟକାଳ ପୂରିବା ପରେ ମଧ୍ୟ କୋଠାବାଡ଼ି, ଗାଡ଼ିଘୋଡ଼ା, ନକରି ଅତି ସରଳ ଜୀବନଯାପନ କରିଛନ୍ତି, ସେମାନେ ଆମର ନମସ୍ୟ । ଆମେ ସେମାନଙ୍କୁ ଧନ୍ୟ କହିବୁ । ଏହି ବିରଳ ବିଧାୟକ ବିଧାୟିକାଙ୍କୁ ଫୁଲମାଳ ପିନ୍ଧାଇ ଜୟଧ୍ୱନି ଦେବୁ । ଆଜି ଏତିକି । ଜୟ ଜଗନ୍ନାଥ !

❤ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

---



**● ବାବାଜୀ ଚରଣ ଜେନା**

### ॥ ମୁଖା ॥

ଏ ପଟରେ ନୀରବତା
ସେ ପାଖରେ କୋଳାହଳ
ଜୀବନ ଯେମିତି ଏଠି
ମାଟିର କଣ୍ଢେଇ ଖେଳ ।

ସ୍ୱପ୍ନ ସବୁ ଭାଙ୍ଗିଯାଏ
ରାତିବି ତ ଯାଏ ପାହି
ମାଜିମୁଜି ହେଲେ ଯେତେ
କାଳ ହସେ ପାଖେ ରହି
କାଳ ବଇଶାଖି ଝଡ
ବୁଝେ କିବା ମୂଲ୍ୟ ତାର
ଏ ପଟରେ ନୀରବତା...

ହୀରା ର ଖଚିତ ମୁଖା
ତା ପାଖରେ ମୂଲ୍ୟହୀନ
ଅଚାନକ ମୃତ୍ୟୁ ଆସେ
ଭାଙ୍ଗି ଦେଇ ଟାଣପଣ
ଶବ୍ଦ ସବୁ ହଜେ ଶୁଣି
ମେଘ ମହଲାର ସୁର
ଏ ପଟରେ ନୀରବତା...

ମନ ତଳେ ଏମିତି ତ
ଆଶଙ୍କାଟେ କରେ ଘର
ଘଟି ପାରେ କିଛି ପୁଣି
କଲେ ଯେତେ ଆପଣାର
ଝରକା ଖୋଲିଲେ ଛୁଏଁ
ବିଷ ବଳୟ ର ଜଳ
ଏ ପଟରେ ନୀରବତା...

❤ ଅହଲ୍ୟା ନିବାସ ପୋପରଡା
ନୂଆବଜାର କଟକ - ୪
(ମୋ) ୯୪୩୭୮୩୪୭୧୯

---

## କବିତା...

### ॥ ମାନିନୀ ବେହେରା ଗାଁ - ୧ ॥



**● ପ୍ରେମାନନ୍ଦ ଖଣ୍ଡୁଆଳ**

ଡିଡାଉଁ ଡିଡାଉଁ ତାଳରେ ନାଚୁଛି
ମନ୍ଦିର ଆଳତି ଦୀପ,
ଦୂରରୁ ଶୁଭୁଛି ହରି ପାଗଳର
ଅଲୋଡ଼ା ଅସନା ଗୀତ ।

ମଠ ବାରଣ୍ଡାରେ ଗଂଜେଇ ଧୂଆଁରେ
ମହନ୍ତ ଓକାଳେ ଜ୍ଞାନ,
ପୁଅ ଯଦି ହୁଏ ଯୋଗ୍ୟ କି ଅଯୋଗ୍ୟ
କି ହେବ ସଞ୍ଚିଲେ ଧନ ।

ଗୋବରୀ ନଈରେ ଜାଙ୍ଗୁଲୁ ଅନ୍ଧାର
ଲହଡ଼ିରେ ଝୁଲେ ନାଆ,
ଦୂରରୁ ହେଲେ ବି ବାରି ହେଉଅଛି
ମାନିନୀ ବେହେରା ଗାଁ ।

ବୁରୁନ୍ଦା ତରେଇ ନଈରେ ମେଲିଛି
ଏକୂଳୁ ସେକୂଳ ଜାଲ,
ସେ ଏକା ଜାଣିଛି କାହିଁ ଛାତି ପାଣି
କୋଉଠି ଦେବନି ଥଳ ।

ମାଛ ଧରିବାରେ ପାହିଯାଏ ରାତି
ବିକିଲେ ଜଳିବ ଚୁଲି,
ଦିନରେ ଖଟିବ ପରଘରେ ଯାଇ
ବଳ ବୟସକୁ ଜାଳି ।

ବକଟେ ନାକୁରୁ ପୁଅ ଅଛି ତା'ର
ଅଶୀ ବୟସର ମାଆ,
ବେଳେବେଳେ ଲାଗେ ଲୁହ ଜଡ଼ସଡ଼
ମାନିନୀ ବେହେରା ଗାଁ ।

ସଞ୍ଜ ବଢ଼ି ବଢ଼ି ପାକଳ ହେଉଛି
ବହଳ ଅନ୍ଧାର ରାତି,
ଗାଁ ଦାଣ୍ଡ ସାରା ଆଲୁଅକୁ ତଡ଼େ
ସିମେଣ୍ଟ ଖୁଣ୍ଟର ବତୀ ।

କୋଉ ଘରୁ ଶୁଭେ ଟିଭି ଶବଦରେ
କୋଟିଆରେ ପଶେ ଆନ୍ଧ୍ର,
କୋଉ ଇଲାକାରେ ଜଙ୍ଗଲକୁ କାଟି
ବଙ୍ଗାଳି ବନାନ୍ତି ଖନ୍ଦ ।

ସୀତା ଗଉଡୁଣୀ କାହା ସଙ୍ଗେ ଗଲା
କାନ୍ଦେ ତିନି ବର୍ଷ ଛୁଆ,
ଯେତିକି ଅନ୍ଧାର ସେତିକି ସୁନ୍ଦର
ମାନିନୀ ବେହେରା ଗାଁ ।

❤ ବାର୍ହାପୁର, ରାଜନଗର କେନ୍ଦ୍ରାପଡ଼ା
(ମୋ) ୯୩୩୭୩୧୩୬୬୫

---

## ଗୋଟିଏ ଏକପଦୀ

**ଡ. ରଜନୀ ରଂଜନ**



ତୁ ନୁହେଁ ଫୁଲ ପରି ଫୁଲଟିଏ ତୁ,
ପଲକରେ ଝାଉଁଳିଯାଉ ଟିକେ ଛୁଁ ଛୁଁ
ଲମ୍ପଟ ନୁହେଁ, ପ୍ରେମିକଟିଏ ମୁଁ ।

❤ ବାଲକାଟୀ, ଖୋର୍ଦ୍ଧା
(ମୋ) ୯୩୩୭୨୬୧୦୭୫

---



**● ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ**

### ॥ ବଞ୍ଚିବାର କଳା ॥

କେବେ ଆକାଶ ଛାତିରେ ହେଉ
କିମ୍ବା ପାହାଡ଼ ପିଠିରେ
ତୁ ମୋତେ ଖୋଜିବୁ ନିଶ୍ଚୟ,
ହୁଏତ ମୁଁ ନଥାଇ ପାରେ
ଛାଇ ଟିଏ ହେଇ ତୋ ଦେହର,
ତଥାପି କଥା ଦେଉଛି,
ଧାରେ ହସ ହେଇ ଫୁଟୁଥିବି
ପ୍ରତି ଋତୁରେ !

ତୁ ଚାହିଁଲେ ବି କାନ୍ଦି ପାରିବୁନି ଆଉ
ଦିନେ ଶିଖେଇ ଦେଇ ଯିବି ତୋତେ
ବଞ୍ଚିବାର ଏକ ନିରୁତା କୌଶଳ ;
ତୋ ଅଧର ଦେଇ ଛାତି ଛୁଇଁବନି
ବୁନ୍ଦାଏ ଲୁହ।

ତୁ ଆଶା ଖୋଜିଲେ
ମୁଁ ଧରେଇ ଦେବି ଆକାଶ,
ତୁ ଶୋଷ ମାଗିଲେ
ପ୍ରସାରି ଦେବି ସମୁଦ୍ର
ତୁ ଡେଣା ମାଗିଲେ
ମୁଁ ଉଡ଼େଇ ଦେବି ପବନରେ,
ଉଡ୍ ,ଏ ସାରା ଆକାଶ ଏବେ ତୋର !

ଦେଖ୍,
ମୋ ଭିତରେ ନାହିଁ କୌଣସି ଅନ୍ୟମନସ୍କତା,
କେବେ ଠୁ
ହେଇଗଲିଣି ପଥର ପରି ସ୍ଥିର ଓ ନିର୍ବିକାର।

କେବେ ଯଦି
କାନ୍ଥରେ କି ବାଡ଼ରେ,
ବହିରେ କି ଖାତାରେ,
ପ୍ରେମରେ କି ବିରହରେ
ତୁ ଦେଖିଦେଉ ମୋ କାନ୍ଦୁରା ମୁହଁ,
ମୁଁ ରାତି ଠୁ ମାଗି ଆଣିବି ଫାଳେ ଅନ୍ଧାର
ଘୋଡ଼ାଇ ଦେବାକୁ ମୋର କଳଙ୍କ ର ଦେହ।

ତୋତେ କନ୍ଦାଇବା କି ଭଣ୍ଡାଇବା ପାଇଁ ନୁହେଁ,
ବରଂ ତୋତେ ବୁଝେଇ ଦେବାକୁ ଜୀବନର
ଜଟିଳ ଗଣିତ,
ମୁଁ ନେଉଥିବି ଜନ୍ମ ପରେ ଜନ୍ମ !

ଦେଖିବୁ ଲକ୍ଷେ ଯାତନା ଓ ପ୍ରତ୍ୟାଖ୍ୟାନର
ଅନ୍ତେ ତୁ ନିଶ୍ଚେ ଜିତିବୁ,
ଚମକାଇ ଦେଇ ଏଇ ଛଳର ପୃଥିବୀକୁ
ତୁ ବି ଦିନେ ବଞ୍ଚିବା ଶିଖିଯିବୁ।

❤ ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍-୭୫୬୦୦୧
(ମୋ) ୭୭୮୮୯୭୭୨୭୬

---

### ॥ କବିପଣ ॥

**● ଶ୍ୟାମା କିଙ୍କର ମହାନ୍ତି**



ବାହାରେ ନିଧୁମ ଖରା
ଜଣେ ନାଉରିଆ
ଦୁଇ ଜଣ ଗାଈଆଳ
ତିନି ଜଣ ନଙ୍ଗଳା ଛୁଆ

ଜଣେ ଜୀବିକା ପଛରେ
ଦୁଇଜଣ କର୍ତ୍ତବ୍ୟର ଦାୟରେ
ଆଉ ତିନିଜଣ ଭୋକରେ

ବାହାରେ ନିଧୁମ ଖରା
ମୁଁ ଭିତରେ
ଟ୍ରେନ ର ଏସି କଂପାର୍ଟମେଂଟରେ
ମୋ ଭିତରେ କବିପଣ

ଟଏଲେଟକୁ ଲାଗି ବସିଛି ଯୋଉ ବୁଢ଼ୀ
ଟିକେଟ କରିଥାନ୍ତା ବା କେମିତି
ତା ପାଖରେ ବସ୍ତାଏ ଅରଖଫୁଲ
ଅଣ୍ଟିରେ ତା ଟଙ୍କା କୋଡିଏ
ଆଉ ଦୁଆର ମୁହଁରେ
କାନ୍ଧରେ ବ୍ୟାକପ୍ୟାକ୍ ପକେଇ
ଚୋର ଭଳି କନକନ ଚାହୁଁଥିବା ସେ ଟୋକା
ଇଣ୍ଟରଭିଉ ଦେବାକୁ ବାରମ୍ବାର
ଏମିତି ହିଁ ଯାଏ

ବାହାରେ ନିଧୁମ ଖରା
ମୁଁ ଭିତରେ
ଏମାନଙ୍କୁ ନେଇ କବିତା ଲେଖିବା
କେତେ ସହଜ ସତରେ
ହେଲେ ମୁଁ କେଉଁ ଚିହ୍ନିଛି ସେମାନଙ୍କ
ଦୁଃଖକୁ , ନିରାଶାକୁ , ସଂଘର୍ଷକୁ .. ?
ଧିକ୍ ମୋ କବିପଣ !

❤ ମାର୍କଣ୍ଡେଶ୍ୱର ସାହି, ପୁରୀ
(ମୋ) ୯୮୬୧୧୯୧୩୮୦

# ଓଡ଼ିଆ ଭାଷାର ଶତ୍ରୁ ହେଲେ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓଡ଼ିଆ : ଅଜୟ ସ୍ୱାଇଁ

**କବି, କଥାକାର ଅଜୟ ସ୍ୱାଇଁ,** ଓଡିଆ ସାହିତ୍ୟ ଜଗତରେ ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ। ଶବ୍ଦର ଯାଦୁରେ ପାଠକଙ୍କୁ ବଶ କରିବା କଳାରେ ସେ ନିପୁଣ । ପାପୁଲିଏ ଜାଗାରେ ସେ ସଜାଡି ପାରନ୍ତି ତାଙ୍କ ପୃଥ୍ୱୀ । କବିତାରେ ଯୋଡି ପାରନ୍ତି ଚଢେଇ ଥଣ୍ଟର ଗୀତ । ଗପ, ଉପନ୍ୟାସରେ ବାଣ୍ଟି ପାରନ୍ତି ଦୀର୍ଘଶ୍ୱାସ, ବନବାସ ନହେଲେ ଗଡିପାରନ୍ତି ନିଜେ ନିଜର ଇତିହାସ । ଅନୁଭବର ତୁଳୀରେ ତାଙ୍କ ସୃଜନ ଆକାଶ ବେଶ୍ ନୀଳିମାମୟ । ତାଙ୍କ ସହ ଏଥରର ଆଳାପ...



## ■ ଅକ୍ଷରେ ଅଜୟ ସ୍ୱାଇଁ



ଜନ୍ମ : ୧୯୫୮ ନଭେମ୍ବର ୪
ଜୟପୁର, ଇଟିପୁର, ଭୁବନେଶ୍ୱର
ବାପା : ଅନାମ ଚରଣ ସ୍ୱାଇଁ
ବୋଉ : ଶୋଭାମଣି ସ୍ୱାଇଁ
ପତ୍ନୀ : ଅସୀମା ସ୍ୱାଇଁ
ପୁଅ : ଅମୃତ ଅଭିଷେକ
ଝିଅ : ଅମୃତା ପ୍ରୀତମ୍

## ■ ପ୍ରକାଶିତ ପୁସ୍ତକ ■ :

### ଗଳ୍ପ ସଂକଳନ
୧. ବୋଉର ଗୀତଖାତା
୨. ମାଳିକା
୩. ଶାଳ ଉଖୁଡା
୪. ମିଛିମିଛିକା ରାତି
୫. ନଖଦର୍ପଣ
୬. ମାମୁଘର ଗାଁ
୭. ଚରିତ୍ର ଚଉପାଶ
୮. ବାସି ମୋ ହୋଇଲା ଫୁଲଶେଯ
୯. ପ୍ରେମିକନାମା
୧୦. ଅଜୟ ସ୍ୱାଇଁଙ୍କ ପ୍ରେମଗଳ୍ପ
୧୧. କଥକ
୧୨. ପ୍ରେମ ହୁସ୍ସ୍
୧୩. ହୃଦୟ ଫୃଦୟ
୧୪. ଅଜୟ ଅଜସ୍ର-୧
୧୫. ଗପର ଦେହ
୧୬. ଚିତ୍ରବାଘ

### ଉପନ୍ୟାସ
୧. ନାବାଳକ
୨. ଶିରିଶ ଗଛର ଛାଇଗୋ
୩. ଛପି ଛପି ବାସନ୍ତୀ ରାତି
୪. ଗୋଧୂଳିର ଗନ୍ଧର୍ବ

### ଉପନ୍ୟାସ ସଂକଳନ
୧. ଛପି ଛପି ବାସନ୍ତୀ ରାତି ଓ ଅନ୍ୟାନ୍ୟ

### ଉପନ୍ୟାସିକା ସଂକଳନ
୧. କଲମ୍ବସର କାଗଜଡଙ୍ଗା

### କବିତା
୧. ନଈକୂଳ ଗାଁ
୨. ମାୟାମେଘ

### କାବ୍ୟ ଉପନ୍ୟାସ
୧. ଦୁଃଖ ଦୋହା

**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଯେଉଁ ଗାଁରେ ମୁଁ ଥିଲି, ସେଠି ଥିଲା ଦୟାନଦୀ, ଧଉଳି ପାହାଡ଼, ଆଖି ପାଉନଥିବା ସବୁଜ କ୍ଷେତ । ପୁଣି ଗଂଗୁଆ । (ଯାହାକୁ ଗନ୍ଧବତୀ କୁହାଯାଇଛି ଓ ଯାହା ଏବେ ଦୁର୍ଗନ୍ଧବତୀ) ପୁଣି ପାଲା, ଦାସକାଠିଆ, ଚଇତି ଘୋଡ଼ା, ପୁଣି ଗାଁ ମେଲଣ, ଅପେରା । ପୁଣି ଗାଁରେ ତ୍ରିନାଥ ମେଳା, ଭଜନ । ମୋ ବାପାଙ୍କର ଗାଁ ନାଟକରେ ଅଭିନୟ । ସାଂଗସାଥିମାନଙ୍କ ସହ ନାନା ଖେଳ, ନଈ ପହଁରା । ନଈ ଅତାଡ଼ିରେ ସୋରିଷ ଫୁଲର କ୍ଷେତରେ ମହୁମାଛିର ଗୁଣୁଗୁଣୁ ... । ହୁଏତ ଏସବୁ ହେଇଥିବ ମୋ ଲେଖାଲେଖିର ଆଦ୍ୟ ପ୍ରେରଣା । ମୋ ଅଜାଣତରେ ହୁଏତ ମୋ ବୋଉର ଗପ ଜନ୍ମ ଦେଇଥିବ ଧବ୍‌ଧବ୍ ଧଳା ଡେଣାବାଲି ପରୀ, ମୋ ଭିତରେ...

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୋ ସାହିତ୍ୟ ଲେଖାର ପ୍ରେରଣାର ଉତ୍ସ ଅନେକ । ସେମିତି ହେଲେ ଜଇ ବଡ଼ବାପା (ଯାହାକୁ ନେଇ ମୁଁ 'କଥକ' ବୋଲି ଗୋଟେ ଗପ ଲେଖିଛି) ମୋ ବୋଉ, ଆମ ଗାଁର ଅନେକ ଡହରା, ମିଛୁଆ କୁହାମୁଣ୍ଡା କପିଳା । ପୁଣି ମୋ ପଂଚମ ଶ୍ରେଣୀର ସାହିତ୍ୟ ସାର୍ ବୀର କିଶୋର ସୁବୁଦ୍ଧି । ପୁଣି ପିଲାଦିନେ ମତେ ଗୋଟେ ପେନ୍‌ସିଲ ମାଗି, ମତେ ବାହା ହେବାକୁ ଜିଦ୍ ଧରିଥିବା ଗୋଟେ ସିଂଘାଣିନାକି, ନାକ କାନ୍ଦୁରୀ ଝିଅ.. (ଯାଃ, ତା ନାଁ ମନେ ପଡୁନି) ସେମାନେ ସମସ୍ତେ ମୋ ଲେଖାର ଆଦ୍ୟ ପ୍ରେରଣା । ଅନେକ ଡିଟେକ୍‌ଟିଭ୍ ଲେଖକ, ଦେବ୍ରାଜ ଲେଙ୍କା, ମହାପାତ୍ର ନୀଳମଣି ସାହୁ, ଦୀନକୃଷ୍ଣ, ଜଗନ୍ନାଥ ଦାସ ମୋର ପ୍ରେରଣା ହୋଇଥିବେ । ଆମ ଗାଁର ଜଣେ ତ୍ରିନାଥ ମେଳା ଭଜନ ଲେଖକ ସ୍ୱର୍ଗତଃ ତୀର୍ଥବାସୀ ଜେନା ବି ମୋର ଆଦ୍ୟ ପ୍ରେରଣା । ଯିଏ ମୋତେ ଦେଖି ଭବିଷ୍ୟବାଣୀ କରିଥିଲେ, 'ଅବଶ୍ୟ ତୁ ମୋ ପରି ଭବିଷ୍ୟତରେ କବି ହେବୁ ।' ଏମାନଙ୍କୁ ମୋର ଲକ୍ଷେ ମୁଣ୍ଡଆ ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କହିଁକି ?

■■ ପ୍ରବେଶ ନୁହେଁ, ଅନୁପ୍ରବେଶ । ଓଡ଼ିଶାରେ ଲେଖକମାନଙ୍କୁ କେହି ବାଳ ପ୍ରମାଣେ ଖାତିର୍ କରେ ନାହିଁ । ମୋ ଭାଗ୍ୟ, ମୋ ବାପା ଶ୍ରୀ ଅନାମ ଚରଣ ସ୍ୱାଇଁ କେଜାଣି କାହିଁକି ମୋ ଲେଖା ଦେଖିଲେ ବଡ଼ ଖୁସି ହୁଅନ୍ତି । ମୁଁ ପ୍ରଥମେ ନାଟକ ଲେଖି ଆମ ଗାଁର ମୋ ସାଙ୍ଗ ଦଳେ ବାନା ଖାଉଡ଼ିଆଙ୍କୁ ଧରି ଆମ ଅଗଣାରେ ବୋଉର ଶାଢି ଟାଙ୍ଗି ମଂଚସ୍ଥ କରେଇଲି । ବାପା, ନରାଗି ଆମକୁ ପାଂଚଟଙ୍କା ସାହାଯ୍ୟ ନେଇଥିଲେ । ପରେ ପରେ ମୋ ନାଟକ ଯେତେବେଳେ ଆମ କ୍ଲବ ପିଲେ କଲେ, ବାପା ସେତେବେଳେ (୧୯୭୭) ଆଠ ହଜାର ଟଙ୍କା ଖର୍ଚ୍ଚ କରି ଗୋଟେ ଚିତ୍ରାଳୟ କରିଦେଲେ । ଆମେ ତା'ର ନାଁ ଦେଲୁ 'ମଂଚମାୟା' । ଏଇଟା ମୋର ସାହିତ୍ୟ କମ୍ ମଂଚ ପ୍ରବେଶ । କବିତା ଲେଖିବା ବେଳକୁ ୧୯୭୯/୮୦ । ଝଙ୍କାରରେ ପ୍ରକାଶିତ ହେବା ବେଳକୁ ୧୯୮୨ । ଅନୁଭୂତି । ସାଧାରଣ ପ୍ରାପ୍ତିଠାରୁ ଅଲଗା । କେମିତି କେମିତି ଗର୍ବ ଲାଗେ । ଦେହ ହାତ ଝିମ୍‌ଝିମ୍ ଲାଗେ । ଲାଗେ ଓଡ଼ିଶାର ଏତେ କୋଟି ଓଡ଼ିଆଙ୍କ ଭିତରୁ ମୁଁ ଟିକେ ଅଲଗା । ସେ ଅନୁଭବ କହି ହୁଏନା । ନୂଆ ପ୍ରେମର ଶିହରଣ.. ନୂଆ ନିଶା । ଏଯାଏ ୩୦ଟି ବହି ପ୍ରକାଶିତ । ସବୁଗୁଡା ମୋର ପ୍ରିୟ । ଅପ୍ରିୟ ବି । ବହିଟିଏ ପ୍ରକାଶିତ ହେବା ପରେ ମୁଁ ଆଉ ଆଡ଼ ଆଖିରେ ଚାହେଁନା । ଏଣୁ ମୋର ପ୍ରିୟ ବହି କହିଲେ, କିଛି ନାହିଁ, ଅଲଗା ଚରିତ୍ର, ଅଲଗା କାହାଣୀ, ପରିବେଶ । ଯେ ଯାହା ଜାଗାରେ ଭଲ ଓ ପ୍ରିୟ ।



ପତ୍ନୀଙ୍କ ସହ କବି କଥାକାର ଅଜୟ ସ୍ୱାଇଁ ।

■ ଆପଣ କଥା ଓ କବିତା ଉଭୟରେ ଧୂରୀଣ । ଏମିତି କେମିତି ସମ୍ଭବ ? କଥାର ଗଦ୍ୟଶୀଳତା କବିତାର ଧାରାକୁ ବ୍ୟାହତ କରେନାହିଁ ? କଥା ନା କବିତା କିଏ ଆପଣଙ୍କର ପ୍ରିୟ ଓ କୋଉଥିରେ ଆପଣ ବେଶି ସ୍ୱଚ୍ଛନ୍ଦ ?

■■ ସୈରିନ୍ଧ୍ରୀ ! ଉଭୟରେ ଧୂରୀଣ ନୁହେଁ । ମୁଁ ଭାବେ କବିତା ନଲେଖିଲେ ଗପ ଲେଖି ପାରିବନି କି ଗପ ନ ଲେଖିଲେ କବିତା ଲେଖି ପାରିବ ନାହିଁ । ଚରିତ୍ର, ବିଷୟ ବା ଘଟଣା କେତେବେଳେ, କେଉ ବାଗରେ, କୋଉ ରୂପରେ ମଗଜରେ ଢୁକିବ, ସେକଥା ତାକୁ ଜଣା । କିଛି ପାଠକ, ମତେ କବି ଭାବେ, କିଛି ଗାଳ୍ପିକ ଭାବେ ଦେଖନ୍ତି । ମୋ ଭିତରେ ବି ଅନେକ ନାଟକ ଅଛି, ତାହା ହୁଏତ ମୋ ଗପ, କବିତାକୁ ଶାଣିତ, ଗତିଶୀଳ କରାଉଥିବ, କେଜାଣି ! ମୁଁ ଉଭୟଥିରେ ସ୍ୱଚ୍ଛନ୍ଦ । ପୁଣି ଉଭୟ ଥିରେ ବି ଅସହଜ । ଗୋଟେ ଗପ ଦୁଇ, ତିନି ଦିନରେ ଲେଖି ଦେଇପାରେ । ଗୋଟେ ଗୋଟେ ଦୁଇ, ତିନି ବର୍ଷରେ ବି ହୁଏ ନାହିଁ । ଗପ ଓ କବିତାର ସୃଜନକର୍ମ ଜଟିଳ । ମୋ ମତରେ ସ୍ୱଚ୍ଛନ୍ଦ ନୁହେଁ । କୁକୁର ଲାଂଗୁଡ଼ ପରି, ତୁମେ ସିଧା କରି ପାରିବ ଭାବୁଥିବ, ହେଲେ ମୋଟେ ହେବନି । ମୋ ନିଜର ଅନୁଭୂତିରୁ କହୁଛି ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?


■■ ପୃଥିବୀରେ କୁହାଯାଉଥିବା ୭୦୦୦ ଭାଷାରୁ ଶହେରୁ ବେଶୀ ଭାଷା ଭିତରୁ ଅନେକ ଏବେ ସଂକଟରେ। ଆମ ଓଡ଼ିଶାର ୬୨/୬୬ ଆଦିବାସୀ ଭାଷାରୁ ତିନି/ଚାରୋଟି ଭାଷା ଛାଡ଼ିଦେଲେ ଅନ୍ୟଭାଷାର ଲିପି ନାହିଁ । ଏମିତିକି ତୁଳସୀ ଦାସଙ୍କ ରାମାୟଣର ଅଓ୍ୱଧ ଭାଷା ବି ତାର ଅସ୍ତିତ୍ୱ ଆସ୍ତେ ଆସ୍ତେ ହରାଇ ବସୁଛି । ଓଡ଼ିଆ ଭାଷାରେ ସେହି ସଂକଟ ଏଯାଏ ଆସିନାହିଁ । ପେଷାର ଭାଷା ଭାବେ ଅଧିକାଂଶ ଯୁବ ଶିକ୍ଷିତ ଓଡ଼ିଆମାନଙ୍କ କାମରେ ଓଡ଼ିଆ ଭାଷା ଲାଗୁନାହିଁ, କେବଳ କାମଚଳା ଭାଷା ଭାବେ ଏହା ଚାଲିଛି । ଦୀର୍ଘ ଅଢ଼େଇ ହଜାର ବର୍ଷରୁ ପ୍ରଚଳିତ ଏକ ଶାସ୍ତ୍ରୀୟ ଭାଷା ମରିଯିବାର କୌଣସି କାରଣ ନାହିଁ । ମା'କୁ ବା ବୋଉକୁ 'ମମି' ଡାକି ଦେଲେ ଓଡ଼ିଆ ଭାଷା ମରିଯିବ ନାହିଁ । ଓଡ଼ିଆ ଭାଷାର ଶତ୍ରୁ ହେଲେ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓଡ଼ିଆ। ବ୍ୟବହାର ପାଇଁ କଥା ହେବା ପାଇଁ, ଲେଖିବା ପାଇଁ ଯଥେଷ୍ଟ ଭାଷା ଓଡ଼ିଆରେ ମହଜୁଦ୍ ଥିବା ବେଳେ ତାହାକୁ ବ୍ୟବହାର କରୁନଥିବା ଓଡ଼ିଆ ମାନେ ବେଶୀ ଦାୟୀ । ସେମାନେ ଭାଷାଦ୍ରୋହୀ । ଭାଷାଦ୍ରୋହ ବି ଗୋଟେ ପ୍ରକାର ଜଘନ୍ୟ ପାପ । ଖାଲି ସାହିତ୍ୟ ହିଁ ଭାଷା ମୃତ୍ୟୁକୁ ରୋକି ପାରିବ । ପ୍ରବାହକୁ ଅବ୍ୟାହତ ରଖି ପାରିବ ।

■ ଗଳ୍ପ କି କବିତାରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ? ନିଜେ ଜଣେ ଲେଖକ ଭାବରେ ସେମିତି କିଛି ଅନୁଭବ ଆପଣଙ୍କର ଅଛି କି ?

■■ ହେଇପାରେ କାହାର କାହାର, ମୋର ଆଇଡିଆ ନାହିଁ । ଗୁଲ୍‌ଦାର କାଳେ ରବୀନ୍ଦ୍ର ନାଥଙ୍କ -- 'the gardener' ପଢ଼ି ଗ୍ୟାରେଜ ମେକାନିକ୍‌ରୁ ସାହିତ୍ୟ ଜଗତରେ ପଶିଥିଲେ । ହୁଏତ ହୋଇପାରେ, ମାନସିକତା ପରିବର୍ତ୍ତନରେ ମୁଖ୍ୟ ଭୂମିକା ସାହିତ୍ୟର ହୋଇପାରେ ।

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିବ ?

■■ ସାହିତ୍ୟକୁ ନେଇ ମୁଁ ସବୁବେଳେ ଆଶାବାଦୀ, ଓଡ଼ିଆ ସାହିତ୍ୟକୁ ନେଇ ମୁଁ ପ୍ରଚୁର ଆଶାବାଦୀ । କାରଣ ସମଗ୍ର ଓଡ଼ିଶା ଏଇ ସାହିତ୍ୟରେ ହିଁ ପ୍ରତିଫଳିତ ହୋଇପାରିବ । ଦେଖ, ଅଶୀଦଶକର ଅନେକ ଗାଳ୍ପିକ, କବି, ନାଟ୍ୟକାରଙ୍କୁ ଚକ୍ରାନ୍ତ କରି ପାଠକ ମାନସରୁ ଅନ୍ତର୍ହିତ କରାଯାଇଛି । ଶ୍ୟାମାପ୍ରକାଶ, କମଳା ମହାପାତ୍ର, ସତ୍ୟ ମିଶ୍ରଙ୍କ ପରି ଅନେକ ଗାଳ୍ପିକଙ୍କୁ କୋଣ ଠେସା କରାଯାଇଛି । ସାହିତ୍ୟକୁ ପାଠକ ପାଖେ ପହଞ୍ଚାଇବା ଦାୟିତ୍ୱ ପ୍ରକାଶକର, ଆଲୋଚକଙ୍କର (ସମାଲୋଚକ ?) ବହିର ପ୍ରଚାର, ପ୍ରସାର ଦାୟିତ୍ୱ ଓଡ଼ିଶାର କୌଣସି ଇଭେଣ୍ଟ ମ୍ୟାନେଜମେଣ୍ଟ କେବେ କରେନାହିଁ । ଲେଖକ/ ଲେଖିକା ପଇସା ଖର୍ଚ୍ଚ କରି ବହି ଛପାଏ, ନିଜେ ତା'ର ଲୋକାର୍ପଣ ଉତ୍ସବ କରେ । ଏମିତି ବହିସବୁ ସତରେ କଣ ପାଠକ ପାଖେ ପହଞ୍ଚିପାରେ ? ଆଜକୁ ୪୦ବର୍ଷ ତଳେ ବିନୋଦ ବିହାରୀ ବହି ଦୋକାନମାନଙ୍କରେ ପାଠକମାନଙ୍କ ନୂଆବହି କିଣିବାକୁ ଭିଡ଼ ହେଉଥିଲା, ଏବେ କାହିଁ ? ରାସ୍ତା ଘାଟରେ ବହିର ହୋର୍ଡିଂଟିଏ କୋଉଠି ଲାଗିଛି ? ଯଦିଓ ନିର୍ବାଚନ, ନେତାଙ୍କର ମାଳମାଳ ହୋର୍ଡ଼ିଂରେ ଆଉ ପୂର୍ଣ୍ଣମୀର ଜହ୍ନ ଦିଶୁନାହିଁ ଆକାଶରେ ଆଜିକାଲି ।



କବିଙ୍କର ଶ୍ରେଷ୍ଠ ସମ୍ପତ୍ତି ତାଙ୍କ ବୋଉ..

■ ଓଡ଼ିଆ ସାହିତ୍ୟରେ କୋଉ ଦିଗରେ ଅଭାବ ରହିଯାଉଛି ବୋଲି ଆପଣ ଭାବନ୍ତି ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ମୌଳିକ ନାଟକ ଦରକାର । ପ୍ରବଂଧ ତ ଲୋପ ପାଇଲାଣି । ଫତୁରାନନ୍ଦ, ଚୌଧୁରୀ ହେମକାନ୍ତଙ୍କ ପରେ ବିଶୁଦ୍ଧ ଉଚ୍ଚଦରର ହାସ୍ୟରସ ସାହିତ୍ୟର ପ୍ରଚୁର ଅଭାବ । ବଡ଼ବଡ଼ ଉପନ୍ୟାସ । ନିହାତି ୧୦୦୦ ପୃଷ୍ଠାର । ମତେ ମୋଟେ ତ ଲେଖି ଆସୁନି। ସ୍ୱପ୍ନ ଅଛି ଗୋଟେ ବଡ଼ ଉପନ୍ୟାସ ( ?) ଲେଖିବି ଜୀବନକାଳ ଭିତରେ । ❤



ପ୍ରିୟ ବନ୍ଧୁମାନଙ୍କ ଗହଣରେ କବି ଅଜୟ ସ୍ୱାଇଁ ...



କବି ଅଜୟ ସ୍ୱାଇଁଙ୍କ ପରିବାର ।

# କେତେ କେତେ ପାଠକୀୟ ପ୍ରତିକ୍ରିୟାର ବିଭୂତି ବୋଲି ହୋଇଛି ମୋ ଦେହରେ, ମନରେ, ଆତ୍ମାରେ...



## ଗାୟତ୍ରୀ ସରାଫ୍

କେତେ କେତେ ପାଠକୀୟ ପ୍ରତିକ୍ରିୟାର ବିଭୂତି ବୋଲି ହୋଇଛି ମୋ ଦେହରେ, ମନରେ, ଆତ୍ମାରେ । ତେବେ ମୁଁ ଖାଲି ଲେଖେ ନାହିଁ, ପାଠକ ବି । ମୋ ପାଠକ ଯଦି କବିତା, ଗଳ୍ପ ଲେଖୁଥିବେ ମୁଁ ତାଙ୍କୁ ଆଗ ପଢ଼େ । ଫୋନ କରେ, ମତ ରଖେ । ସତୀର୍ଥଙ୍କୁ ବି ପଢ଼େ । କିଛି ଶିଖେ । ସମସ୍ତଙ୍କ ଭଳି ମୋର ବି ଅଛି ଗୋଟେ ମାତ୍ର ହୃଦୟ । ହେଲେ ଇଚ୍ଛା ହେଉଛି ହଜାରେ ପାଠକଙ୍କ ହୃଦୟରେ ରହିଯାଆନ୍ତି କି !

### ପ୍ରିୟ ପାଠକ-୯

ଜଣେ ପାଠକ ଓ ଜଣେ ଲେଖକଙ୍କ ମଧ୍ୟରେ ସବୁବେଳେ ବୋହି ଚାଲିଥାଏ ହାଲ୍‌କା ହାଲ୍‌କା ଲୁମଧୁର ପବନ । ପାଠକ ଚିହ୍ନେ ଲେଖକଙ୍କୁ । ସେ କହି ଦେଇପାରିବ କେଉଁ କେଉଁ ଲେଖକଙ୍କୁ ସେ ପଢ଼େ, ଲେଖକ କିନ୍ତୁ କହିପାରିବନି ତା'ର ସମସ୍ତ ପାଠକଙ୍କ ନା' କି ଠିକଣା । ମୁଁ କଣ କହି ଦେଇପାରିବି ମୋ ପାଠକ ସଂଖ୍ୟା କେତେ ? କିଛି ଜଣ ହିଁ ନିୟମିତ ଯୋଗାଯୋଗ କରନ୍ତି । ମତ ଦିଅନ୍ତି, କିଛି ଜଣ ଆନନ୍ଦ ପାଇଁ ପଢ଼ନ୍ତି, ଭୁଲିଯାନ୍ତି। ବହୁତ ଜଣ ସମୟକ୍ରମେ ହଜିଯାଆନ୍ତି । ଧ୍ୱନିପ୍ରତିଧ୍ୱନି ପରିବାରକୁ ଏଇ ନୂତନ ପ୍ରୟାସ ପାଇଁ ଶୁଭେଚ୍ଛା । ପାଠକର ମହିମା ଅପାର ସେଥିପାଇଁ ଏ ବିଶେଷ ସ୍ତମ୍ଭ 'ପ୍ରିୟ ପାଠକ' ।

ପାଠକ ସଂଖ୍ୟା କମିଯାଉଛି, ଶୁଣାଯାଉଛି ଏମିତି କିଛି ସ୍ୱର, କିନ୍ତୁ ମୋ କ୍ଷେତ୍ରରେ ଏଭଳି ହେଉନାହିଁ । ବେଶୀ ବେଶୀ ଫୋନ କଲ ଆସୁଛି। ହ୍ୱାଟ୍‌ସଆପ୍ ମେସେଜ୍ ଆସୁଛି । ପତ୍ରିକାରେ ପାଠକୀୟ ମତ ପ୍ରକାଶିତ ହେଉଛି। ତେବେ ଏ ସଂଖ୍ୟା ଯେତିକି ବଢ଼ିବ ଲେଖକ ସେତିକି ପ୍ରୋତ୍ସାହିତ ହେବେ । ପାଠକ କେବେ ଯଶ, ଖ୍ୟାତି ଚାହାଁନ୍ତି ନାହିଁ। ପଢ଼ନ୍ତି ବୋଲି ପୁରସ୍କାର ଆଶା ରଖନ୍ତି ନାହିଁ । ତେବେ ପାଠକ ସଂଖ୍ୟା ବୃଦ୍ଧି ପାଇଁ ପଠନ ଅଭ୍ୟାସ ସୃଷ୍ଟି କରିବା ପାଇଁ ସମ୍ମାନନୀୟ ପ୍ରାବନ୍ଧିକ ଶ୍ରୀ ଶରତ କୁମାର ଦାସ ଏବେ ଶ୍ରେଷ୍ଠ ପାଠକ ପୁରସ୍କାର ପ୍ରଚଳନ କରିଛନ୍ତି ଅବଶ୍ୟ ତାଙ୍କ ସ୍ୱପ୍ନ ପ୍ରୋଜେକ୍ଟ ଶ୍ରେଷ୍ଠ ଓଡ଼ିଆ ଗଳ୍ପ ସଂକ୍ରାନ୍ତରେ ସେ ପୁରସ୍କାର ।

ମୋର ନିୟମିତ ପାଠକ ଗୋଷ୍ଠୀ ଭିତରେ ଅଛନ୍ତି ଓଡ଼ିଆ ସାହିତ୍ୟର କେତେ ଜଣ ବିଶିଷ୍ଟ ଓ ପ୍ରତିଷ୍ଠିତ ଲେଖକ ଯାହା ମୋର ସୌଭାଗ୍ୟ ବୋଲି ମୁଁ ଭାବେ । ସେମାନେ ହେଲେ ସଦାନନ୍ଦ ତ୍ରିପାଠୀ, ସିତେଶ ତ୍ରିପାଠୀ, ସଂଜୟ କୁମାର ମିଶ୍ର, ନରେନ୍ଦ୍ର ସାହୁ, ଅନୀଲ କୁମାର ଦାସ ଓ ସିନେ ନିର୍ଦ୍ଦେଶକ ମାନସ କୁମାର ସାହୁ, ନିରପେକ୍ଷ ମତ ସେମାନଙ୍କର । ଭଲ ଲାଗିଲେ ଭଲ, ତ୍ରୁଟି ଥିଲେ କହିବେ । ତାଙ୍କର ମତ ମୋ ଲେଖନୀକୁ ଚଞ୍ଚଳ ଓ ପ୍ରଖର କରେ । ସ୍ନେହାଧୀନା ଛାତ୍ରୀ ଲିପ୍‌ସା ପଟେଲ ଏବେ ଜଣାଶୁଣା ଲେଖିକା । ସେ କହନ୍ତି 'ଆପଣଙ୍କୁ ପଢ଼ିପଢ଼ି ମୁଁ ଲେଖିକା... ମୋ ମନରେ ସତେଜ ହୋଇ ରହିଥିବେ ।

ଏବେ ମୁଁ ଆସୁଛି ସେଇ ପାଠିକା ପାଖକୁ ଯିଏ କି ୩୫ବର୍ଷ ହେଲା ମୋର ଗପ ପଢୁଛି । ଛାତ୍ରୀ ଥିଲା ପଢୁଥିଲା । ବିବାହ କଲା, ଦୁଇଟା ଝିଅର ମା' ହେଲା ପଢୁଥିଲା । ଗୃହ ଜଂଜାଳରୁ ଟିକେ ମୁକ୍ତ ହେଲା ପରେ ଏବେ ବେଶୀ ବେଶୀ ପଢୁଛି । ମୁଁ ଲେଖୁଥିବା ଯାଏ ସେ ପଢୁଥିବ ଏ ବିଶ୍ୱାସ ମୋର ଅଛି। ମୁଁ ଏ ପୃଥିବୀରୁ ବିଦାୟ ନେବା ପରେ ବି ସେ ମୋ ବହି ପୃଷ୍ଠା ଓଲଟାଉଥିବ ଜୋର୍ ଦେଇ କହିପାରିବି । ସେଇ ଅନୁରାଗିଣୀ ପାଠିକାକୁ ମୁଁ 'ତୁ କହେ' ସେ ଅଧିକାର ମୋର ଅଛି । ଏଥିପାଇଁ ଯେ ଆମ ପରିବାରର ସେ ସାନବୋହୂ । ମୋ ସ୍ନେହର ସାନଭାଇର ସହଧର୍ମିଣୀ ସେ । ସୁସ୍ମିତା ତା'ର ନାଁ । ଆମ ପରିବାର ପାଇଁ ସେ ଲିପି । ସେ ପଢ଼େ ...ପଢ଼େ । ତା' ଝିଅମାନଙ୍କୁ ପଢ଼ି ଶୁଣାଏ। ସେ ଦୁହେଁ ମୋର ହିନ୍ଦୀ, ଇଂରାଜୀରେ ଅନୁଦିତ ଗପ ପଢ଼ନ୍ତି । ଲିପି କହେ, ତୁମେ ମୋ ନାନୀ କମ୍, ପ୍ରିୟ ଗାଳ୍ପିକା ବେଶୀ । ମୋର ସବୁ ସଂବର୍ଦ୍ଧନା ଓ ପୁରସ୍କାରର ହିସାବ ରଖେ ସେ । ଖୁସି ହୁଏ । ମୁଁ ପଚାରେ କାହିଁକି ମୋ ଗପର ପାଠିକା ତୁ ? ସେ କହେ- ସବୁ ପ୍ରକାର ବିଷୟବସ୍ତୁକୁ ନେଇ ତୁମର ଗପ । ତୁମ ଗପରେ ଜନଜୀବନର କଥା, ସମୟର କଥା, ନାରୀର ଦୁଃଖସୁଖ କଥା ଥାଏ । ସମସ୍ତେ ବୁଝି ପାରିବା ଭଳି ଚରିତ୍ର ଅନୁସାରେ ଭାଷା ବ୍ୟବହାର କର ତେଣୁ ମତେ ତୁମ ଗପ ଭଲ ଲାଗେ । ଯେଉଁ ଗପଟି ଅତି ପ୍ରଭାବିତ କରେ ସେ ବାବଦରେ ସେ ଚିଠି ଲେଖେ । ସେ ଏବେ ଖାଲି ପାଠିକା ନୁହେଁ ନିଜେ ବି ଜଣେ ଲେଖିକା । ସେ ଗପ ଲେଖୁଥିଲା, ଘର ଦାୟିତ୍ୱ ପାଇଁ ଧିମେଇ ଯାଇଥିଲା । ଏବେ ପୁଣି ଲେଖନୀ ତାର ସକ୍ରିୟ ।

> ମୁଁ କଣ କହି ଦେଇପାରିବି ମୋ ପାଠକ ସଂଖ୍ୟା କେତେ ? କିଛି ଜଣ ହିଁ ନିୟମିତ ଯୋଗାଯୋଗ କରନ୍ତି । ମତ ଦିଅନ୍ତି, କିଛି ଜଣ ଆନନ୍ଦ ପାଇଁ ପଢ଼ନ୍ତି, ଭୁଲିଯାନ୍ତି।

ପାଠକ ହେଉଛି ଲେଖକର ଅସଲି ସଂପଦ<br>
ପାଠକ ନ ପଢ଼ିଲେ କି ସଂବର୍ଧନା ?<br>
କି ପୁରସ୍କାର ?<br>
ସେମାନେ ଆୟୁଷ୍ମାନ ହୁଅନ୍ତୁ ।

ଏବେ ଆଉ କେତେ ଜଣ ପାଠକ ପାଠିକାଙ୍କ କଥା ନ କହିଲେ ମୋ ଲେଖାରେ ପୂର୍ଣ୍ଣଚ୍ଛେଦ ପଡ଼ିବ ନାହିଁ । କିଛି ବର୍ଷ ତଳର କଥା ଝଂକାର ଗଳ୍ପ ପୁରସ୍କାର ଗ୍ରହଣ କରିବା ଦିନର କଥା ଇଏ। ଉତ୍ସବ ଆରମ୍ଭ ହୋଇ ନଥାଏ । ମୋ ପାଖକୁ ଗୋଟିଏ କଲ୍ ଆସିଲା। ଦେଖିଲି କି ପ୍ରବାସିନୀ ମହାକୁଡ଼ । ସେ କହିଲେ ନାନୀ, ମୁଁ ଏବେ ନବରଂଗପୁରରୁ କହୁଛି । ଖୁସିର କଥାଟେ କହିବି। ଏଠିକା ସ୍କୁଲ ହଷ୍ଟେଲରେ ଜଣେ ଶିକ୍ଷୟିତ୍ରୀ ଅଛନ୍ତି ସେ ତୁମର ଦିୱାନୀ। ତୁମକୁ ପଢ଼ନ୍ତି । ଖାଲି ପଢ଼ନ୍ତି ନୁହେଁ ପତ୍ରପତ୍ରିକାରେ ବାହାରୁଥିବା ତୁମ ଫଟୋ ସବୁ କଟିଂ କରି ତାଙ୍କ ରୁମ୍ କାନ୍ଥରେ ଲଗେଇଛନ୍ତି । ଖବରଟି ଶୁଣି ମୁଁ ବିଭୋର ହୋଇଗଲି ବିମଳ ଆନନ୍ଦରେ । ତା' ପରେ ମୋର ପରବର୍ତ୍ତୀ ଗପବହି 'ଅସିଦ୍ଧ ଅଧ୍ୟାୟ'କୁ ମୁଁ ତାଙ୍କୁ ଉତ୍ସର୍ଗ କରିଥିଲି । ଅବଶ୍ୟ ଏବେ କଥାବାର୍ତ୍ତା କମିଯାଇଛି । ବିଷ୍ଣୁପ୍ରିୟା ଓ ମୀରା ମହାନ୍ତିଙ୍କ ବି ନା ନେବି ।

ଆଉ ଜଣେ ଅନନ୍ୟା ପାଠିକା ନିବେଦିତା ଦାଶ (ନୀତା) ମତେ କହିଥିଲେ ପତ୍ରିକାଟିଏ ପାଇଲେ ଆପଣଙ୍କୁ ଆଗ ଖୋଜେ । ନାଁ ନ ଦେଖିବି ଗପଟି ପଢ଼ି କହି ଦେଇପାରିବି ଇଏ ଆପଣଙ୍କ ଲେଖା । ଏତେ ଆବେଗ, ସଂବେଦନଶୀଳତା ଦେଇପାରନ୍ତି କେମିତି ଯେ...

ଗତମାସ ବାହାରିଥିବା ଗୋଟେ ଗପ ପଢ଼ି ଜଣେ ପାଠକ ମନୋଜ ମହାନ୍ତି ଲେଖନ୍ତି - ଗୋଟେ ପେଗ୍ ମଦର ନିଶାଠୁ ବି ବେଶୀ ବିଭୋରପଣ ଥିଲା ଆପଣଙ୍କ ଗପରେ ।

ଏମିତି କେତେ କେତେ ପାଠକୀୟ ପ୍ରତିକ୍ରିୟାର ବିଭୂତି ବୋଲି ହୋଇଛି ମୋ ଦେହରେ, ମନରେ, ଆତ୍ମାରେ । ତେବେ ମୁଁ ଖାଲି ଲେଖେ ନାହିଁ, ପାଠକ ବି । ମୋ ପାଠକ



### ପ୍ରିୟ ପାଠକ

ଯଦି କବିତା, ଗଳ୍ପ ଲେଖୁଥିବେ ମୁଁ ତାଙ୍କୁ ଆଗ ପଢ଼େ । ଫୋନ କରେ, ମତ ରଖେ । ସତୀର୍ଥଙ୍କୁ ବି ପଢ଼େ । କିଛି ଶିଖେ ।

ସମସ୍ତଙ୍କ ଭଳି ମୋର ବି ଅଛି ଗୋଟେ ମାତ୍ର ହୃଦୟ । ହେଲେ ଇଚ୍ଛା ହେଉଛି ହଜାରେ ପାଠକଙ୍କ ହୃଦୟରେ ରହିଯାଆନ୍ତି କି ! କେଜାଣି, କଲମରେ ସେତିକି ଶକ୍ତି ରହିଲେ ହେଲା । ଶେଷରେ କହିବି ସମଗ୍ର ପାଠକ ବଂଧୁଙ୍କର ଜୟ ହେଉ ।

♥ ମହାଲକ୍ଷ୍ମୀ ନଗର, ବଲାଙ୍ଗିର
ମୋ: ୭୯୭୮୯୨୦୮୧୩

---

ପଢ଼ିବା ପରେ...

# ଅନୁଭବର ନୀରବତାରେ ସମୃଦ୍ଧ କିଶୋର ପାଣିଗ୍ରାହୀଙ୍କ 'ଅଛି'

'ନୀରବତାର ଅନୁଭବ ଅନୁଭବର ନୀରବତା ନୁହେଁ, ଅନୁଭବର ନୀରବତା ହିଁ ନୀରବତାର ଅନୁଭବ।'

ଏକଥା କହିଥିଲେ ଯୋଗୀ ଶ୍ରୀଅରବିନ୍ଦ।

'ସଫଳତା ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ପୂର୍ଣ୍ଣତା', ଏକଥା କହିଥିଲେ ଶ୍ରୀମା'।

ଅନ୍ତତଃ କବିଟିଏ ସଫଳତା ପାଇଁ ନୁହେଁ, ପୂର୍ଣ୍ଣତା ଆଡ଼କୁ ହିଁ ଥାଏ ତାର ଦୃଷ୍ଟି ଏକଥା କବି କିଶୋର ପାଣିଗ୍ରାହୀଙ୍କ 'ଅଛି' କବିତା ପୁସ୍ତକର କବିତା ଗୁଡ଼ିକ ପ୍ରମାଣ ଦିଏ। 'କବିତାର ଦୁଃଖବର୍ଣ୍ଣମାଳା' ଶୀର୍ଷକରେ କବି ପ୍ରଥମେ ଲେଖିଛନ୍ତି-

କବିତାର ଦୁଃଖ ଅଛି ? କବିତାର ପୁଣି କି ଦୁଃଖ ? ହଁ- କବତାର ବି ଦୁଃଖ ଅଛି, ଅନେକ। ତେଣୁ କବିତା ବି କାନ୍ଦେ। ସେ କାନ୍ଦ ଆଗାମୀର ପ୍ରମାଦ। ଗୋଟିଏ ଜାତିର ଚେତନା ବିପର୍ଯ୍ୟୟର ପର୍ବ, ଯାହାର ବ୍ୟାକରଣ ଏବେ ସିଦ୍ଧ ହେଉଛି କ୍ରମଶଃ।


\+ + + + + + + + + +

ଶେଷ ପାରାରେ ଲେଖିଛନ୍ତି- ବେଳେବେଳେ କବିତାର ଗରିମା ନିଲାମ ହୁଏ। ପଶାପାଲିର ତିନିକାଠିରେ ଗଡୁଥାଏ କବିତାର ଭାଗ୍ୟ। ସୁହୃଦ୍ ମଣିଷମାନଙ୍କର, ସଭାସଦ୍‌ଙ୍କର ନତବଦନ, ଗରଜଗ୍ରସ୍ତ, ନିରବତା ତାକୁ ବାଧେ; ଦୁଃଶାସନ କି ଦୁର୍ଯ୍ୟୋଧନର କଟାକ୍ଷ, ଲୋଲୁପ ଚାହାଣିଠାରୁ ଆହୁରି କେତେଗୁଣ କ୍ଷତାକ୍ତ ହୁଏ ତାର ଆତ୍ମା। ସେ କାନ୍ଦେ, ସେ କାନ୍ଦ ପବନରେ ମିଳେଇ ଯାଏନି ବରଂ ଅନୁରଣିତ ହେଉଥାଏ ଯୁଗ ପରେ ଯୁଗ, ଜୁଆରିଆ ସମୟରେ ମଧ୍ୟାନ୍ତର ଡେଇଁ। ସେ କାନ୍ଦରେ ଯେଉଁଦିନ ସାରା ଆକାଶର ନୀଳ ହୋଇଉଠିବ ଶ୍ୟାମମେଘ, ଘନୀଭୂତ ହେବ ସମବେଦନା, ଫାଟିବ ଆକାଶର ଛାତି, ଅଜାଡ଼ିବେ ସହସ୍ର କରୁଣା- ଅପେକ୍ଷା ସେହିଦିନକୁ, କବିତା ମୁହଁରେ ହସ ଫୁଟିବାକୁ।"

'ଅଛି' ପରି ଗୋଟେ ସୁନ୍ଦର ଆରମ୍ଭରୁ ସମ୍ପୂର୍ଣ୍ଣ 'ଅଛି'ର ଅବୟବ।

*'ମେଘ ଘୋର ଆକାଶର ଗୁରୁଗୁରୁ ଦରଜ*<br>
*ଛାତିର ଫେଣାରେ ଗୁଣୁଗୁଣୁ ଗୁମରର ମଗ୍ନ ଆଳାପ*<br>
*ପେଟେ ନିଆଁକୁ ଆଉଟି*<br>
*ଝୁଏ ଶିଖାକୁ*<br>
*ପବନ ଜିଭରୁ ବଂଚେଇ ରଖିବି ବୋଲି*<br>
*ଯୁଝି ଚାଲିଥିବା ଗୋଟେ ପିଲିସଜର ଦ୍ରୋହ*<br>
*କ୍ଷଣିକାର ଆୟୁଷ୍ମାନ*<br>
*ମୁଁ ଅଛି। (- ଅଛି)*

ଜୀବନ ଆରମ୍ଭରୁ ଶେଷଯାଏ 'ଅଛି'ର ଲମ୍ୱାରାସ୍ତାରେ 'ମୁଁ' ଅତିକ୍ରମ କରିଥାଏ କେତେ ପାଇବା ହଜେଇବାର ଗିରିଶୃଙ୍ଗ, କେତେ ଅଂଧାର ଆଲୁଅର ଆଲୋକବର୍ଷ, କେତେ ଅଝଟପଣ, କେତେ ଓଠ ମଝିର କମ୍ପନ। କେତେ ଭୋକଶୋଷ ମଝିରେ ଥିବା ଉତୁରାପେଜର ମହକ। କେତେ






ଘା, କେତେ ଫୁଲ, କେତେ ଜାଲ, କେତେ ପାଳଭୂତ, କେତେ ଅବସୋସର କରୁଣ ଚିତ୍ର।

*'ହଁ, ଅଛି ଯେ,*<br>
*ଘାଟି ମୁଁ ଲୁଚେଇ ଦେଇଚି,*<br>
*ମୋର ଭାରିଡର ମାଛିଙ୍କି। (ଘା')*

ଆବେଗ ଓ ଅନୁଭବର ଚିତ୍ର ଏକାଠି।

*'ବଳ କାଇଁ ନା ବେଳ କାଇଁ*<br>
*ବୁଝିବାକୁ ଖଟିକୁ, ଖଂଜକୁ*<br>
*ଗଣ୍ଡିଆ ମଗଜର ପାଞ୍ଚ କି ପେଞ୍ଚକୁ ?*<br>
*ଆମେ ପା' ପଛଧାଡ଼ିର ନୁକ*<br>
*ଆଗବାଲାଙ୍କ ଠେସଣାରେ*<br>
*ପଛକୁ ... ପଛକୁ... (ଅଭାଜନ)*

ବ୍ୟବସ୍ଥା ଓ ପ୍ରତିବାଦର ସ୍ୱର ଏକତ୍ର।

ଜୀବନ ଜିଇବା ଏକ କଳା ହୋଇପାରେ, କିନ୍ତୁ ଜୀବନକୁ ଭୋଗିବା ଦ୍ୱାରା ଯେଉଁ କଳାର ସ୍ଫୁରଣ ଘଟେ ତାହାହିଁ କବିତା। କବି ପାଇଁ ସବୁଦିନ ଯୁଦ୍ଧ ସବୁଦିନ ସନ୍ଧି। କେତେବେଳେ ଅବଶିଷ୍ଟ ଆୟୁଷ ପାଇଁ ସେ ଲେଖୁଥାଏ ଅଧାଲେଖା ଇତିହାସ ଓ କେବେ ଯୁଦ୍ଧ ପାଇଁ ଗୋଟେ ସତ୍ୟାଗ୍ରହର ଅବସୋସ। ବିଜୟର ପଶାକାଠିରେ ଝୁଲୁଥାଏ ପରାଜୟର ଜାତକ, ଅସହିଷ୍ଣୁତାର ଡେଣା ପିଟେ ପବନ। ବ୍ୟସ୍ତ ମର୍ମର ଧ୍ୱନିର ଭିଡ଼ରେ ବିଗତର ବିମୁଗ୍ଧପଣ ଅପେକ୍ଷା କରେ ଗୋଟେ ମୁକ୍ତିର ସୂର୍ଯ୍ୟୋଦୟ।

କିଶୋର ପାଣିଗ୍ରାହୀଙ୍କ କବିତାମାନଙ୍କରେ ସେମିତି କେତୋଟି ପଙ୍‌କ୍ତି-

*ପ୍ରଥମେ ପ୍ରେମିକ ହୁଅ/ ପ୍ରେମରେ ନିଭାଇଦିଅ*<br>
*ସବୁ ଆକ୍ରୋଶର ନିଆଁ*<br>
*ବୋମା ନୁହେଁ,*<br>
*ଚୁମାରେ ଚିଆଁଇପାର ମଣିଷ ପଣିଆ। (ଯୁଦ୍ଧ)*

\+ + + + + + + + + +

*ଗୋଟାଏ ଢ଼େଲାରେ*<br>
*ଫଟେଇ ପାରନ୍ତି ଆକାଶଭର୍ତ୍ତି ଅବସାଦ,*<br>
*ଏକା ଅସରାକେ*<br>
*ଭାସିଯାନ୍ତା ମାଟିର ପିଠିରୁ ଆବର୍ଜନାର ବୋଝ*<br>
*ଓ ଫର୍ଚ୍ଚା ଆକାଶ ଦେଇ ଦେଖନ୍ତେ ସମସ୍ତେ*<br>
*କ'ଣ କ'ଣ ଚାଲିଅଛି ଅମରାବତୀରେ। (ଯଦି)*

\+ + + + + + + + + +

*ଜଣା ନଥିଲା*<br>
*ଫୁଲରେ ବି ଫୁଟିପାରେ ବୋମା*<br>
*ବୋମା କେବେ ଫୁଲ ହୋଇ ଫୁଟିପାରେ ବୋଲି*<br>
*କିଛି ବି ନହେଲେ ଆସ ପ୍ରାର୍ଥନା କରିବା। (ଫୁଲ)*

\+ + + + + + + + + +

*ଦ୍ରୌପଦୀଟେ ବିବସ୍ତ୍ର ହୋଇଲେ*<br>
*ମାତେ ଲୁହ, ତାତେ ଲହୁ,*<br>
*ଉପାଡ଼ି ଦିଆଯାଏ ଗୋଟେ ଅଧେ ଦୁଃଶାସନ ବାହୁ।*<br>
*ଆଉଥରେ ପଶାପାଳି ପଡ଼ିବା*<br>
*ଓ ଶେଷ ଅଙ୍କର ଶେଷ ଦୃଶ୍ୟ*<br>
*ନ ଆସିବା ଯାଏ କେହି କଣ କେବେ ଭାବୁଥାଏ*<br>
*କେହି କଣ କେବେ କହୁଥାଏ*<br>
*ଏଇ ଦୁଃଶାସନଟିକୁ କିଏ ସେ ତିଆରି କଲା ?*<br>
*ରାଜସଭାଟିଏ କେଉଁପରି*<br>
*କାହିଁକି ବା ଗଣ ବଳାତ୍କାରର କ୍ଷେତ୍ରଟେ ବନିଲା ?*<br>
*(ଦେବଶିଶୁ)*

\+ + + + + + + + + +

*ଆମ ହାତ ପାପୁଲିରେ ନିଆଁ ଦେଖି*<br>
*ଆମକୁ କ୍ଲୋନିଂ କରିଥିବା ଈଶ୍ୱର ବି ଭଜିଲେଣି*<br>
*ପରିତ୍ରାଣ, ପରିତ୍ରାଣ*<br>
*ଆହା, ଅମୃତ ସନ୍ତାନ ! (ଅମୃତ ସନ୍ତାନ)*

କବିଙ୍କ କବିତାରେ ଅଛି 'ମାଟିଦୀପ', ଯୋଉଠି 'ବିଶ୍ୱାସର କାନି ବେଢ଼େଇ ବଂଚେଇ ରଖିବାକୁ ପଢ଼େ ଛେଳି ଜିଭରୁ ଛନଛନ ଦୁବଅଗ ପରି ଅନ୍ତିଆ ପବନର ପହରାଦାରୀ ଓ କେତେକେତେ ଖର ନିଶ୍ୱାସରୁ ଧାରେ ଆୟୁଷକୁ।

ଅଛି 'ଖଜୁରିଗଛ' ଯୋଉଠି ମଞ୍ଜପତ୍ର ନଛୁଉଣୁ ଖରା, ଝୁଲେଇ ଦିଅନ୍ତି ବେକକାଟି ଅନେକ ଶୋଷର ଫମ୍ପା ଠେକି।

ଅଛି 'ବିପନ୍ନ ପ୍ରଜାତି' ଯୋଉଠି କଞ୍ଚା ବରଡ଼ାରେ ପୁଟୁଳା ପୁଟୁଳା/ ପ୍ରସାଦ ବୋଲି ବାଣ୍ଟିନେବେ ମାତୃଭକ୍ତ, ଧାର୍ମିକ ପଡ଼ିଶା।

ଅଛି 'ପରୀ', ଯୋଉଠି କବି ପଚାରିଛନ୍ତି ପ୍ରଶ୍ନ- କିଏ ସତ ? / ପରୀର କାହାଣୀ ନା କାହାଣୀର ପରୀ ?/ କିଏ ଜାଣିଚି କି କିଏ ସତ ବୋଲି ?

'ଅଛି' ସଂକଳନଟି କବି କିଶୋର ପାଣିଗ୍ରାହୀଙ୍କ ଚତୁର୍ଥ କବିତା ସଂକଳନ। ଏଥିରେ ସ୍ଥାନିତ କବିତା ଗୁଡ଼ିକରେ ଅଛି ଯେଉଁ ଜୀବନ ଜିଜ୍ଞାସାକୁ ପ୍ରଶ୍ନବାଚୀ, ଅଛି ଯେଉଁ ସୃଜନକଳା ତାହା କବିଙ୍କ ସାଧନାର ପରାକାଷ୍ଠାକୁ ହିଁ ଦୃଶ୍ୟମାନ କରାଏ। କବିତା ରଚନା ଏକ ସୂକ୍ଷ୍ମ ସୃଜନ କଳା ହୋଇପାରେ କିନ୍ତୁ ଏଥିରେ ଛପିରହିଥିବା ଅଗ୍ନିସ୍ଫୁଲିଙ୍ଗ ଦୀପଟିଏ ହୋଇ ଅନ୍ୟକୁ ଆଲୋକ ଦେଖାଏ। କବିଟିଏ, ଚିରକାଳ ଦରଦି ମଣିଷ। ତା'ର ସମ୍ବେଦନଶୀଳତା ହିଁ ତାକୁ କରିଥାଏ ଉଦାର। ସେ ଅନ୍ୟର ହୃଦୟକୁ ଚିହ୍ନେ। ହୃଦୟ ତଳର ବ୍ୟଥା ବୁଝେ। ସେ ଦୁଃଖ ଯନ୍ତ୍ରଣା ସହ ଏକାତ୍ମ ଓ ଏକୀଭୂତ ହୋଇପାରେ। ସେଇଥିପାଇଁଙ୍କ କିଶୋରଙ୍କ କବିତାରେ ନୀରବତାକୁ ଭାଙ୍ଗିବାକୁ ଆହ୍ୱାନଟିଏ ଶୁଭେ ବେଶ୍ ଉଦାତ୍ତ ଭାବରେ-

*ଥରେ ପାଟି ଖୋଲ !*<br>
*ତୁ ଶୁଣିନୁକି ?*<br>
*ପଞ୍ଜୁରି ଭିତରୁ ଚିତ୍କାର ଶୁଭିଲେ*<br>
*ଦୂର ଦୂରାନ୍ତରେ ଦୋହଲେ କେତେ ସିଂହାସନ*<br>
*ଖସେ କେତେ ଶିରସ୍ତ୍ରାଣ ?*<br>
*ପେଡ଼ି ଖୋଲ !*<br>
*ତୁ ଦେଖିନୁ କି ?*<br>
*ପେଡ଼ି ଖୋଲିଦେଲେ,*<br>
*ଆତ୍ମଗୋପନରୁ କେତେ କେତେ ଅନ୍ଧାରର କୀଟ*<br>
*କରନ୍ତି ଆତ୍ମ ସମର୍ପଣ ?*<br>
*(ପଞ୍ଜୁରି ଭିତରେ ଆକାଶ)*

ପୁଣି କୁହନ୍ତି-

*ଉଠ, ଏଠୁ ଏବେ ଖୋଜ ବାଟ;*<br>
*ନହେଲା ତ ଜାଲ କାଟ।*<br>
*ଜାଲ କାଟିବାକୁ ହେଲେ,*<br>
*ଲୋଡ଼ା ଦାନ୍ତମାନଙ୍କର ଧାର*<br>
*ମାଢ଼ିରେ ଜବର ଓ କିଛି କାଇଦା କାର୍ସାଦି*<br>
*ନିଜ ମଗଜର।   (ଜାଲ)*

କିଶୋରଙ୍କ କାବ୍ୟ ଜଗତର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତାଙ୍କର ସାମାଜିକ ଅଙ୍ଗୀକାରବଦ୍ଧତା। 'ଅଛି'ର କବିତା ସବୁ ଏହି ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରିଛନ୍ତି । ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ ହେଉ କି ସାମାଜିକ ବିଲକ୍ଷଣ ସବୁଠି ତାଙ୍କ କବିତାର ଅନୁପ୍ରବେଶ ବେଶ୍ ପରିଛନ୍ନ। କବି କିଶୋର ପାଣିଗ୍ରାହୀ ହେଉଛନ୍ତି ସମକାଳୀନ ବାସ୍ତବତାର ଜଣେ ସାର୍ଥକ ଚିତ୍ରକର। ପ୍ରଥମ କବିତା 'ଅଛି'ଠାରୁ ଆରମ୍ଭ କରି ଶେଷ କବିତା 'ଯିବି କାହିଁକି' ଯାଏ ସମୁଦାୟ ଅଣଚାଳିଶିଟି ଯାକ କବିତାରେ ତାଙ୍କ ଚେତନାର ପରାକାଷ୍ଠା ଦୃଶ୍ୟମାନ ହୁଏ। ପ୍ରାୟ ସବୁ କବିତାରେ କବିଙ୍କର ମାନବିକ ସହୃଦୟତା ଫୁଟି ଉଠିବା ସହ ପ୍ରତିବାଦର ସ୍ୱର ମଧ୍ୟ ଶୁଭେ। ଆବେଗ, ଅଭୀପ୍ସା, କାରୁଣ୍ୟ, ଅବସାଦମାନେ ତାଙ୍କ କବିତାରେ ଦିଶନ୍ତି ବେଶ୍ ପ୍ରାଞ୍ଜଳ ଓ ସ୍ୱଚ୍ଛ। କେତେ ତାତି କେତେ ଧୂଆଁ କେତେ ନିଆଁର ଜକଜକ ଭିତରେ ଉଜ୍ଜ୍ୱଳ ଦିଶେ କବିଙ୍କ ଅବସୋସ। 'ତଥାପି' କବିତାରେ ନିଜ ଭିତରର କ୍ଷୋଭକୁ ବେଶ୍ ସନ୍ତର୍ପଣରେ ଆଙ୍କିଛନ୍ତି କବି।

*'ଏ ଦେଶର ଭବିଷ୍ୟତ*<br>
*ବଢୁଅଛି ଅଧାପେଟ, ଅପାଠୋଇ*<br>
*ଉଡ଼ାଟିଆ ଆଣ୍ଟିଙ୍କର କୋଳରେ, କାଖରେ।*<br>
*ବୋଉ ଏବେ ମମି ମମି ଲାଗେ*<br>
*ମେଗା ସିରିଏଲ ଚରିତ୍ରଟି ପରି।*

\+ + + + + + + + + +

*ତଥାପି ଖୁସିର କଥା*<br>
*ଆମକୁ ସବାର ହୁଅନ୍ତି ଦୁର୍ଗା*<br>
*ଦ୍ରୌପଦୀ ବା ଲକ୍ଷ୍ମୀବାଈ ଦି'ଥର ଦିନରେ*<br>
*ମୁକ୍ତିର ସଂଗ୍ରାମ ପାଇଁ ସଭା ସମିତିରେ। (ତଥାପି)*

ମୋଟ ଉପରେ ଦେଖିବାକୁ ଗଲେ 'ଅଛି' କବିତା ସଂକଳନରେ ବିବିଧ ଭାବଧାରାର ଚିତ୍ରାୟନ ହୋଇଛି। କବି କିଶୋର ପାଣିଗ୍ରାହୀ କବିତାର ଭରି ଦେଇଛନ୍ତି ଆଶାବାଦର ଅଝଟପଣ। ତେଣୁ ପୁସ୍ତକଟି ଏକ ଭାବ ଉଦ୍ରେକକାରୀ କଳାତ୍ମକ କବିତାଗ୍ରନ୍ଥ ଭାବେ ପରିଗଣିତ, ଯାହା କିଶୋରଙ୍କ କବିପଣର ଯଥାର୍ଥ ପରିଚୟ ବହନ କରିଛି। ବିଶେଷକରି ମାନବିକ ମୂଲ୍ୟବୋଧ, ଜୀବନର ସଂଘାତ, ବୌଦ୍ଧିକ ଦର୍ଶନ, ସାମାଜିକ ସଂକଟ ସଂକଳନଟିର ବିଭବ, ଯାହା ପାଠକଙ୍କ ପ୍ରାଣରେ ଭାବ ଉଦ୍ରେକାରୀ କମ୍ପନ ସୃଷ୍ଟି କରିବାକୁ ସକ୍ଷମ ହେବ, ଏହା ନିଃସନ୍ଦେହରେ କୁହାଯାଇପାରେ।



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ
ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୨୧)

## ମୋ ଗାଆଁ... ଚମାରଗାଆଁ

**ମୋ ଗାଆଁର ପୂର୍ବରେ ପ୍ରବାହିତ ହେଉଛି 'ବଡଖାଳ'। ମୋ ପିଲାଦିନେ ବର୍ଷସାରା ସେଥିରେ ପାଣି ଭର୍ତ୍ତିହୋଇ ରହୁଥାଏ ଓ ମାର୍ଗଶିର ମାସରେ 'ମଡାଣ'(ସମୂହ ମାଛଧରା) ହୋଇ ଜମିଦାରଙ୍କୁ ମାଛଭାଗ ଦେଲାପରେ ବଡଖାଳରୁ ଯିଏ ପାରେ ସିଏ ମାଛଧରି ଖାଉଥିଲେ ।**

ସୁବର୍ଣ୍ଣରେଖା ନଦୀର ପଶ୍ଚିମପାଖରେ ଏକ ଛୋଟଗାଆଁ ...ଚମାରଗାଆଁ ବା ଚମାରଗାଁ ବା ବନ୍ଦୋବସ୍ତ ରେକର୍ଡ ଅନୁସାରେ, 'ଚମାରଗ୍ରାମ'...ଏକ ବନ୍ୟାପୀଡିତ ଅଞ୍ଚଳ । ସେଇ ଧୋଇଆ ଅଞ୍ଚଳର ଏକ ଗ୍ରାମରେ ମୋର ଜନ୍ମ ହୋଇଥିବାରୁ ସୁବର୍ଣ୍ଣରେଖାର ବନ୍ୟା ସଂପର୍କରେ ମୋର କିଛି ଅଙ୍ଗେଲିଭା ଅନୁଭୂତି ରହିଛି ଯାହା ମୁଁ ପୂର୍ବରୁ ଆଲୋଚନା କରିଛି ।

ମୋ ଗାଆଁର ନାମକରଣକୁ ନେଇ ଅନେକେ ଥଟ୍ଟାକରନ୍ତି । ସେମାନଙ୍କ ଜାଣିବାପାଇଁ ମୁଁ କହେ......

ଏକ ଧନୀ ନିପୁତ୍ରିକ ଦମ୍ପତ୍ତିଙ୍କର ଥିଲେ ଚମରୀ, ଭାନୁ, ନାଣ୍ଡି ଏବଂ ତାରା ନାମରେ ଚାରିଜଣ ଝିଅ । ସେମାନେ ବଡ ହେବାପରେ ପୈତୃକ ସମ୍ପତ୍ତିରୁ ଖର୍ଚ୍ଚକରି ଚାରିଟି ରାସ୍ତାକଡ ସ୍ଥାନରେ ବଡବଡ ପୋଖରୀ ଖୋଳାଇଲେ । ଉଦ୍ଦେଶ୍ୟ ଥିଲାଯେ ସେଥିରୁ ପଥଚାରୀ ଓ ଗୋମହିଷାଦି ପଶୁମାନେ ପାଣିପିଇ ଶୋଷ ମେଣ୍ଟାଇବେ । ସମୟକ୍ରମେ ସେହି ପୋଖରୀ ଗୁଡିକ ଚାରିପାଖରେ ଲୋକେ ବସବାସ କରିବାକୁ ଲାଗିଲେ ଓ ପ୍ରତ୍ୟେକ ପୋଖରୀ ଖୋଳାଇଥିବା ମହିଳାଙ୍କ ନାମରେ ସେ ଜନବସତି ନାମିତ ହେଲା । ଯଥା ଚମରୀ ଗାଁ (ପରେ ତାହା ଚମାରୀଗାଁ - ଚମାରଗାଁରେ ପରିଣତ ହୋଇଛି ), ଭାନୁପୁର, ନାଣ୍ଡିପୋଖରୀ ଓ ତାରାଦିଘି । ଏହି ନାମରେ ଗାଆଁଗୁଡିକ ଆମ ଗାଁର ଆଖପାରେ ରହିଛି ।

ଆମ ଗାଁରେ ଦୁଇଟି ବ୍ରାହ୍ମଣ ପରିବାର ବ୍ୟତୀତ ଅନ୍ୟ ଶହେରୁ ଉର୍ଦ୍ଧ୍ୱ ପରିବାର 'ରାଜୁ' ଜାତିର । ଜନଶ୍ରୁତି କହେ ଯେ ରାଜସ୍ଥାନରେ ଦିଲ୍ଲୀର ମୋଗଲ ସମ୍ରାଟମାନଙ୍କ ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇ ରାଜପୁତମାନେ ନିଜନିଜର ଭିଟାମାଟି ତ୍ୟାଗକରି ସେସମୟର ପୂର୍ବଭାରତର ଏକମାତ୍ର ସ୍ୱାଧୀନ ହିନ୍ଦୁରାଷ୍ଟ୍ର 'ଉତ୍କଳ'କୁ ଆସି ଆଶ୍ରୟ ନେଇଥିଲେ । ଉତ୍କଳର ଶାସକ ସେଇ ଲଢୁଆ କ୍ଷତ୍ରୀୟମାନଙ୍କୁ ନିଜ ସାମ୍ରାଜ୍ୟର ସୀମାନ୍ତ ଅଞ୍ଚଳମାନଙ୍କରେ ଅବସ୍ଥାପିତ କରିଥିଲେ । ପରେ ସେମାନଙ୍କ ମଧ୍ୟରୁ ଅନେକେ କୃଷିକର୍ମକୁ ଆଦରି ନେଇଥିଲେ। (ଏ ସଂପର୍କରେ ଅଧିକ ଜାଣିବା ପାଇଁ ,'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ' ଓ ମୋ ଲିଖିତ 'କବି ଦୀନକୃଷ୍ଣ ଆଲୋଚନାର ଭିନ୍ନଦିଗନ୍ତ' ଗ୍ରନ୍ଥ, ପ୍ର:ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର, ଦେଖନ୍ତୁ)। ଏବେ ସେମାନେ 'ରାଜୁ' ଜାତିର ଅନ୍ତର୍ଭୁକ୍ତ ଅଟନ୍ତି। (ରାଜପୁତ -ରାଜୁ )। ଏବେ ବି ଓଡିଶାର ଉତ୍ତର ସୀମାନ୍ତ ଓ ସମଗ୍ର ମେଦିନୀପୁର ଜିଲ୍ଲାରେ ତଥା ଆନ୍ଧ୍ରରେ ଏଇ 'ରାଜୁ' ଜାତିର ଲୋକମାନେ ଅଧିକ ସଂଖ୍ୟାରେ ବାସ କରନ୍ତି ।

ମୋ ଗାଆଁର ପୁର୍ବରେ ପ୍ରବାହିତ ହେଉଛି 'ବଡଖାଳ'। ମୋ ପିଲାଦିନେ ବର୍ଷସାରା ସେଥିରେ ପାଣି ଭର୍ତ୍ତିହୋଇ ରହୁଥାଏ ଓ ମାର୍ଗଶିର ମାସରେ 'ମଡାଣ'(ସମୂହ ମାଛଧରା) ହୋଇ ଜମିଦାରଙ୍କୁ ମାଛଭାଗ ଦେଲାପରେ ବଡଖାଳରୁ ଯିଏ ପାରେ ସିଏ ମାଛଧରି ଖାଉଥିଲେ । ଜମିଦାରୀ ଉଚ୍ଛେଦ ସମୟରେ କିଛି ଧନୀଲୋକ ଖାଳ ପଟ୍ଟା କରିନେଇଥିଲେ ବି ଲୋକେ ଭାଗ ନ ଦେଇ ମାଛଧରି ଖାଇଲେ । ତେଣୁ ସେଇ ଖାଳର ମାଛ ପ୍ରତ୍ୟେକ ପରିବାରକୁ ଗୋଟିଏ ତରକାରୀ ଦେଉଥିଲା । ମାତ୍ର ବର୍ଷାର ପରିମାଣ କମିଯିବାରୁ ଖାଳ ଏବେ ପ୍ରାୟ ଶୁଖିଲା ପଡୁଛି ।

ଗାଆଁର ପଶ୍ଚିମରେ ରହିଛି, 'ମହାବିଲା' । ଏଠାରେ ଶହଶହ ଏକର ଅନାବାଦୀ ଜମିରେ ପାଣି ଜମାହୋଇ ରହୁଥିଲା । ଏଥିରୁ ମିଳୁଥିବା ବିଭିନ୍ନ ପ୍ରକାରର ମାଛ ଲୋକଙ୍କ ତରକାରୀ ଚଳାଉଥିଲା । ଏବେ ସେଇ ମହାବିଲାବି ଖରାଦିନେ ପାଣି ଅଭାବରୁ ଶୁଖିଲା ପଡୁଛି । ପୁଣି ଏହାର ଅନେକାଂଶ ବ୍ୟକ୍ତିଗତ ମାଲିକାନାକୁ ଚାଲିଗଲାଣି । ସେମାନେ ବ୍ୟକ୍ତିଗତ ଖର୍ଚ୍ଚରେ ଗଡିଆ ଖୋଳି ମାଛଚାଷ କରୁଛନ୍ତି ଓ ଜଳସେଚନର ସୁବିଧାକରି ଖରାଦିନେ ଧାନଚାଷ ବି କରୁଛନ୍ତି । ବର୍ଷାଦିନେ କିନ୍ତୁ ଉତ୍ତର ଓ ପଶ୍ଚିମ ଦିଗରୁ ବର୍ଷାଜଳ ଗଡିଆସି ଏଠାରେ ଜମା ହେଉଥିବାରୁ ଧାନଚାଷ କରିବା ସମ୍ଭବ ହୁଏନି। ତେବେ ଏବେ ଆଉ ଶୀତଦିନେ ନାନାଜାତିର ଶହଶହ ପକ୍ଷୀ ଆସୁନାହାନ୍ତିକି ସେମାନଙ୍କ କଳରବରେ ଆମ ଅଞ୍ଚଳ ମୁଖରିତ ହେଉନି ।

ପୁଣି ଗାଆଁ ମଝିରେ ବିଜେ କରିଛନ୍ତି ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ । ମୋ ପିଲାଦିନେ ମନ୍ଦିରର ମାଟିକାନ୍ଥ ରହିଥିଲା। ଆମେ ତାକୁ ସୁଦୃଶ୍ୟପକ୍କା ମନ୍ଦିରରେ ପରିଣତ କରିଛୁ । (ପରେ ତାଙ୍କ ବିଷୟରେ ବିସ୍ତାରିତ ଭାବରେ ଆଲୋଚନା କରିବି ।)। କିଛିବର୍ଷ ତଳୁ ମହାଦେବଙ୍କ ମନ୍ଦିର ଦକ୍ଷିଣକୁ ବିଜେ କରିଛନ୍ତି ଶ୍ରୀଶ୍ରୀଭାଗବତଜୀଉ ଓ ତାଙ୍କ ଦକ୍ଷିଣକୁ ମାଆ ଦୁର୍ଗା ।

ତାଙ୍କର ଦକ୍ଷିଣକୁ ରହିଛି ,'ବଡ ପୋଖରୀ' ବା 'ମହାଦେବ ପୋଖରୀ' ।

ବଡ ପୋଖରୀ, ବଡ ଖାଳ ଓ ମହାବିଲା ...ଏମାନେ ଆମପାଇଁ ସବୁବେଳେ 'ବଡ' ହେବାପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି।

୦୯.୮.୧୯୬୨ରେ ମୋଗାଆଁକୁ ନେଇ ଲେଖିଥବା କବିତାଟି ମୁଁ ପୁଣିଥରେ ଉଦ୍ଧାର କରୁଛି।

ଆମରି ଗାଁ
**********

ଅତି ଆପଣାର ଜନମଭୂଇଁ
ପାଣି ଓ ପବନ ଯାହାର ପାଇ
ହେଲି ମଣିଷ ତା'ଗୁଣ ଯଶ
ଗାଇବୁଲେ ମୁହିଁ ନିଶି ଦିବସ ।
ଜଗତେ ଦେଖିଲି ଯେତେ ମୁଁ ଥାନ
କେହି ନୁହେଁ ମୋର ଗାଁ ସମାନ
ଛୋଟିଆ ନାଆଁ 'ଚମାରଗାଁ'
ତା'ତୁଲେ ସମାନ ନୁହେଁ ଦୁନିଆ ।
ରାତି ପାହିଆସେ କାଉ ରାବଇ
ବିଲକୁ ଚାଲଇ ହଳିଆ ଭାଇ
ହଳ ବଳଦ ତାର ସଂପଦ
ଅତି ସରଳ ସେ କରନା ବାଦ ।
ସହଳ ସହଳ ପାଦ ପକାଇ
'ବଡ ପୋଖରୀ'କୁ ବୋହୂ ଚଳଇ
ସୁରୁଜ ଉଇଁ ହସଇ ମହୀ
ଚାହାଳି ଯାଆନ୍ତି ପିଲାଏ ଧାଇଁ ।
ଦିନ ଶେଷହୁଏ ନାଲି କିରଣେ
'ମହାବିଲା' ହସେ ସୁନା ବରଣେ
ଦଳକୁ ଦଳ ବିହଙ୍ଗ କୁଳ
ନୀଡମୁଖେ ଫେରେ ହୋଇ ସହଳ ।
ବରଷାରେ ପୂରେ ପାଟ ପୋଖରୀ
ଧାଏଁ 'ବଡଖାଳ' ଶବଦ କରି
ଶରତ ଶୋଭା କି ମନଲୋଭା
ସକଳଶୋଭା ମୋ ଗାଁରେ ଉଭା ।
ପୂଜା ପାରବଣେ ଓଡିଆ ଗାଥା
ଅତୀତ ସୁରୁଁତି ଟେକଇ ମଥା
ସଭିଏଁ ମିଳି ପରବ ପାଳି
ଜୀବନ ଯାତନା ଯାଆନ୍ତି ଭୁଲି ।
ସରଳ ଜୀବନେ କେତେ ଯାତନା
ସହି ଗାଆଁବାସୀ ପାଷାଣ ସିନା
ଅତି ଗରିବ ନାହିଁ ବିଭବ
(ମାତ୍ର) ଜ୍ଞାନୀ ଗୁଣୀଜନ ତା'ର ଗରବ ।
'ନୀଳକଣ୍ଠେଶ୍ୱର' ପାଦରେ ଆସି
ନିଇତି ପୂଜନ୍ତି ମୋ ଗାଆଁ ବାସୀ
ଅଶୁଭ ଯିବ ଶୁଭ ଆସିବ
ଗାଆଁ ବାସୀ ମୁହେଁ ହସ ଫୁଟିବ ।
ଏମିତି ଗାଆଁ ମୋ ଜନମ ଭୂଇଁ
ସଦାବେଳେ ବୁଲେ ତା'ଗୁଣ ଗାଇ
ଜଗତ ପାଇଁ ଜୀବନ ଦେଇ
ଶେଷରେ ତା'କୋଳେ ଶୋଇବି ମୁହିଁ ।
(୧୯୬୨ 'ମୀନା'ରେ ପ୍ରକାଶିତ )


♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧


ଚେତନାର ଦର୍ପଣ - ୨୪

# କ୍ଷଣଭଙ୍ଗୁର ଶରୀର



♥ ଲଳିତ ମୋହନ ମିଶ୍ର

ମରଣଧର୍ମୀ କ୍ଷଣଭଙ୍ଗୁର ଶରୀର ପାଇଁ ଆମେ ଶାଶ୍ୱତ ସତ୍ୟକୁ ଜୀବନର ଆଧାର ଭାବିବା । ଭୌତିକ ଜଗତର ଏହି ସମସ୍ତ ବାହ୍ୟ, କ୍ଷଣଭଙ୍ଗୁର ପରିବର୍ତ୍ତନ ପାଇଁ ବିଚଳିତ ହେବା ନାହିଁ । ଯିଏ ଆଧ୍ୟାତ୍ମିକ ଜୀବନରେ ଉନ୍ନତ, ସେ କେବେ ରାଜନୈତିକ ଅସ୍ଥିରତା କିମ୍ବା ସାମାଜିକ ବିଶୃଙ୍ଖଳାରେ ଉତ୍ତେଜିତ ହୁଅନ୍ତି ନାହିଁ । ଆମର ବର୍ତ୍ତମାନର ଅସ୍ତିତ୍ୱ, ଏହା ମଧ୍ୟ ଏକ ସ୍ୱପ୍ନ । ଯେପରି ଆମେ ରାତିରେ ସ୍ୱପ୍ନ ଦେଖୁ । ସ୍ୱପ୍ନରେ, ଆମେ ଅନେକ ଜିନିଷ ଦେଖୁ । ସେମିତି ଭୌତିକ ଜଗତ ମଧ୍ୟ ଏକ ସ୍ଥୁଳ ସ୍ୱପ୍ନ । ତାହା ହେଉଛି ମନ, ଶରୀର ଓ ବୁଦ୍ଧିର କାର୍ଯ୍ୟ । ଏହି ଶରୀର ପାଞ୍ଚଟି ଉପାଦାନରେ ଗଠିତ : ପୃଥିବୀ, ଜଳ, ବାୟୁ, ଅଗ୍ନି, ମୃତ୍ତିକା । ତେଣୁ ଏଗୁଡ଼ିକ ସ୍ୱପ୍ନର ଅବସ୍ଥାରେ କେବେ ବିଚଳିତ ହେବେ ନାହିଁ । କାରଣ ଏଗୁଡ଼ିକ ହେଉଛି ଆଧ୍ୟାତ୍ମିକ ଜୀବନ । ମନେକର, ସ୍ୱପ୍ନରେ ମୋତେ ସିଂହାସନରେ ରଖାଗଲା, ଏବଂ ମୁଁ ଜଣେ ରାଜା ପରି କାମ କରୁଥିଲି । ସ୍ୱପ୍ନ ସରିବା ପରେ ମୁଁ ଦୁଃଖିତ ନୁହେଁ । କାରଣ ତାହା ଏକ ସ୍ୱପ୍ନ । ମନେ ପଡେ ଗୋଟିଏ କଥା - ଗନ୍ଧର୍ବରାଜ ବିଶ୍ୱବାସୁଙ୍କ କନ୍ୟା ମଦଳସା ଜଣେ ସନ୍ନ୍ୟାସୀ ଓ ପଣ୍ଡିତ ଥିଲେ । ସେ ଶାସ୍ତ୍ରର ଉଦାହରଣ ଦେଇ ନିଜ ପୁତ୍ରମାନଙ୍କୁ କହୁଥିଲେ ଶରୀର କ୍ଷୁଦ୍ର, ଆତ୍ମ ତତ୍ତ୍ୱ ହିଁ ସବୁକିଛି । ସାଂସାରିକ ଆକର୍ଷଣରେ ପଡି ଜୀବନ ନଷ୍ଟ କରିବା ଉଚିତ୍ ନୁହେଁ । ମଦଳସାଙ୍କ ସ୍ୱାମୀ ରିତାଧ୍ୱଜ ଦିନେ କହିଲେ - ପ୍ରିୟେ ! ତୁମେ ତିନୋଟି ସନ୍ତାନଙ୍କୁ ଜ୍ଞାନ ଦେଇ ସଂସାର ଜଗତରୁ ବିଦାୟ ଦେଇଛ । ଚତୁର୍ଥ ପୁତ୍ର ଅଲାର୍କଙ୍କୁ ରାଜଧର୍ମର ଶିକ୍ଷା ଦେଲେ କେମିତି ହୁଅନ୍ତା । ଯାହାଦ୍ୱାରା ସେ ଆମ ବଂଶକୁ ଆଗକୁ ଆହୁରି

ବଢ଼ାଇ ପାରିବ । ମଦଳସା ଅଲାର୍କଙ୍କୁ ଆଦର୍ଶ ରାଜଧର୍ମ ଶିଖାଇବା ଆରମ୍ଭ କଲେ । ଦିନେ ମଦଳସା କହିଲେ, 'ପୁତ୍ର ! ଆମେ ପଶୁପକ୍ଷୀଙ୍କ ଜୀବନରୁ କିଛି ଶିଖିପାରିବା । କୁଆମାନେ କିପରି ଅଳସୁଆ ନୁହଁନ୍ତି ତାଙ୍କଠାରୁ ଶିକ୍ଷା କରାଯାଇପାରେ । ସର୍ବଦା ହରିଣଠାରୁ ସତର୍କ ରହିବାର ଶିଖିବା ଉଚିତ୍ । ଭଁଅର ଠାରୁ ରସ ଗ୍ରହଣ ଶିଖିବା ଉଚିତ୍ । ଯେମିତି ସର୍ପ ନିଜର ହୁଙ୍କାର ଶବ୍ଦରେ ଅନ୍ୟକୁ ଭୟଭୀତ କରାଇ ନିଜେ ସୁରକ୍ଷିତ ରହେ , ଠିକ୍ ସେହିପରି ଜଣେ ରାଜା ଶତ୍ରୁକୁ ଭୟଭୀତ କରି ନିଜ ରାଜ୍ୟ ସୁରକ୍ଷିତ ରଖିବା ଉଚିତ୍ । ରାଜାଙ୍କର ହଂସ ପରି ନୀର- କ୍ଷୀରର ବିବେକ ରହିବା ଉଚିତ୍ । ଯେମିତି ଚନ୍ଦ୍ର ଓ ସୂର୍ଯ୍ୟ ସବୁସ୍ଥାନରେ ସମାନ ଭାବରେ କିରଣ ବିକରଣ କରନ୍ତି, ସେହିପରି ରାଜା ସମସ୍ତ ପ୍ରଜାଙ୍କୁ ସମାନ ବ୍ୟବହାର କରିବା ଉଚିତ୍ । ସେହି ରାଜା ଅମର ହୁଏ , ଯିଏ ପ୍ରଜାଙ୍କ ସ୍ୱାର୍ଥ ଓ କଲ୍ୟାଣକୁ ସର୍ବୋପରି ଦୃଷ୍ଟି ଦିଅନ୍ତି । ଅର୍ଥାତ୍ କ୍ଷଣଭଙ୍ଗୁର ସଂସାର ଏବଂ କ୍ଷଣଭଙ୍ଗୁର ଶରୀରରେ ସ୍ୱପ୍ନବିଳାସୀ ନହୋଇ ପରୋପକାରୀ ହେବା ଉଚିତ୍ । ରାଜାର ଯେମିତି କର୍ତ୍ତବ୍ୟ ଦାୟିତ୍ୱ ରହିଛି, ସେହିପରି ସମାଜ ପ୍ରତି ଆମର କର୍ତ୍ତବ୍ୟ ଦାୟିତ୍ୱ ଠିକ୍ ଭାବରେ ପରିପାଳନ କଲେ ଆମେ ଚିରସ୍ଥାୟୀ ହୋଇ ପାରିବା ।


♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬


ଆଲୋଚନା

# ଦଉଡନା ବଡ ଖରା

ପ୍ରେମାନନ୍ଦ ପାଣିଗ୍ରାହୀ



**ଉତ୍ତାପ ବୃଦ୍ଧିଯୋଗୁଁ ବିଭିନ୍ନ ଜଳାଶୟରେ ଖରାଦିନେ ଜଳର ଘୋର ଅଭାବ ସୃଷ୍ଟି ହୁଏ । ମୁନ୍ଦାଏ ପାଣି ପାଇଁ ଲୋକେ ଅନେକ ବାଟ ଅତିକ୍ରମ କରନ୍ତି । କେଉଁଠି ନଦୀବାଲି ତାଡି, କେଉଁଠି ଚୁଆ ଖୋଳି ଆଉ କେଉଁଠି ପାହାଡ ଝରଣାରୁ ଜଳ ସଂଗ୍ରହ କରି ଏହାକୁ ପାନୀୟ ଜଳ ଭାବେ ଲୋକେ ବ୍ୟବହାର କରିଥାନ୍ତି ।**

"ହରିଣ ନଦିଏ ଧରା ଦଉଡନା ବଡ଼ ଖରା" ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ "ଛବିଳ ମଧୁବର୍ଣ୍ଣବୋଧ" ବହିର ଏହି ପଦଟି ମନେ ପଡିଲେ ଆମ ଆଖି ଆଗରେ ଝଲସି ଉଠେ ଖରାର ତାତି ସାଙ୍ଗକୁ ପ୍ରକୃତିର ରୁକ୍ଷ, ଉଗ୍ର ଓ ଭୟଙ୍କର ରୂପ ।କିଛି ଦିନ ପୂର୍ବରୁ ପଶ୍ଚିମା ଝଡ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଋତୁର ଭ୍ରମ ସୃଷ୍ଟି ହୋଇଥିଲା । । ସର୍ବାଧିକ ତାପମାତ୍ରା ହ୍ରାସ ବି ପାଇଥିଲା । ତେବେ ପୁଣି ବଢିଛି ପାରଦ । ବେଳକୁ ବେଳ ଏହା ଭୟଙ୍କର ଅବସ୍ଥା ସୃଷ୍ଟି କରୁଛି । ଦିନକୁ ଦିନ ବଢୁଛି ତାତିର ପ୍ରକୋପ । ଆଗରୁ କେବଳ ଓଡିଶାର ପଶ୍ଚିମାଞ୍ଚଳରେ ତାପମାତ୍ରା ସହିବାର ସୀମା ଅତିକ୍ରମ କରୁଥିଲା । ଏବେ କିନ୍ତୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକ ବି ଖରାର ତେଜରେ ଘାଣ୍ଟି ହେଉଛନ୍ତି । ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ଆକାଶରୁ ନିଆଁ ବର୍ଷୁଛି । ଦିନରେ ପ୍ରବଳ ଖଇ ଫୁଟିଲା ଭଳି ରାସ୍ତାରୁ ତତଲା ବାମ୍ପ ବାହାରୁଛି । ଖରା ଓ ତାତିର ଅସହ୍ୟ ଗୁଳୁଗୁଳି ସନ୍ତୁଳି ପକାଉଛି ଜନଜୀବନକୁ । ବାୟୁମଣ୍ଡଳରେ ଆଦ୍ରତା ମଧ୍ୟ ହ୍ରାସ ପାଉଛି । ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ପ୍ରବାହିତ ହେଉଥିବାରୁ ରାଜ୍ୟବ୍ୟାପୀ ଅଗ୍ନି ବର୍ଷା ହେଉଛି । ସକାଳ ନଅଟାର ଖରାକୁ ଦେଖିଲେ ମଧ୍ୟାହ୍ନର ଭ୍ରମ ସୃଷ୍ଟି ହେଉଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲ ଓ ଅଙ୍ଗନବାଡି ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଶିକ୍ଷାଦାନ ବନ୍ଦ ରଖିଛନ୍ତି ।

ସାମୁଦ୍ରିକ ବାୟୁ ପ୍ରବାହ ଅନେକ ପରିମାଣରେ ତାପମାତ୍ରା ନିୟନ୍ତ୍ରଣ କରିଥାଏ । ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ଯୋଗୁଁ ସାମୁଦ୍ରିକ ବାୟୁ ପ୍ରବାହର ମାତ୍ରା ହ୍ରାସ ପାଇଛି । ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର ତାପରେ ମଣିଷଠୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଡହଳ ବିକଳ ହେଉଛନ୍ତି । ସୂର୍ଯ୍ୟଙ୍କର ପ୍ରଚଣ୍ଡ ରଶ୍ମି ମନୁଷ୍ୟକୁ ଅସୁସ୍ଥ କରିଦେବା ସହ ଶରୀର ଉପରେ ଏହାର କୁପ୍ରଭାବ ପଡୁଛି । ଗୋଟିଏ ସ୍ଥାନର ଗତ ୩୦ ବର୍ଷର ତାପମାତ୍ରାର ହାରାହାରିକୁ ସାଧାରଣ ତାପମାତ୍ରା କୁହାଯାଏ । ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ୍ ଯଦି ବୃଦ୍ଧି ପାଏ ତାକୁ ସାଧାରଣ ଗ୍ରୀଷ୍ମ ପ୍ରବାହର ଆଖ୍ୟା ଦିଆଯାଇଥାଏ । ଯଦି ଏହା ୭ରୁ ୮ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧିପାଏ ତେବେ ଏ କ୍ଷେତ୍ରରେ ଗ୍ରୀଷ୍ମପ୍ରବାହକୁ ଅତ୍ୟଧିକ ବୋଲି କୁହାଯାଏ । ଜାତୀୟ ପାଣିପାଗ ସଂସ୍ଥାର ମତ ଅନୁସାରେ ସାଧାରଣତଃ ୨୭ରୁ ୩୨ ଡିଗ୍ରୀ ସେଲସିୟସ୍ ବା ୮୦ ରୁ ୯୦ ଡିଗ୍ରୀ ଫାରେନ୍‌ହାଇଟ୍ ତାପମାତ୍ରାକୁ ସ୍ୱାଭାବିକ ଏବଂ ୩୨ରୁ ୪୧ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାକୁ ଅସ୍ୱାଭାବିକ ଧରାଯାଇଥାଏ । ୪୧ ଡିଗ୍ରୀ ସେଲ୍‌ସିୟସ୍ ଠାରୁ ଅଧିକ ଉତ୍ତାପ ମଣିଷ ସହ୍ୟ କରିପାରେ ନାହିଁ । ଶରୀରର ଉତ୍ତାପ ୪୧ ଡିଗ୍ରୀ ସେଲ୍‌ସିୟସ୍ ବା ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍‌ରେ ପହଞ୍ଚିଲେ ଶରୀରରେ ଜଳୀୟ ଅଂଶ ଦ୍ରୁତ ଭାବରେ ହ୍ରାସପାଇଥାଏ । ଫଳରେ ଶରୀରର ବିଭିନ୍ନ ପ୍ରକ୍ରିୟାରେ ପରିବର୍ତ୍ତନ ଆସିବା ସହ ଲୋମ ଗ୍ରନ୍ଥି ଗୁଡିକ ଶୁଖିଯାଏ । ଶରୀର ଅବଶ ହୋଇପଡେ ଏବଂ କାର୍ଯ୍ୟ ଦକ୍ଷତା ହ୍ରାସ ପାଇଥାଏ । ମନୁଷ୍ୟ ଅଂଶୁଘାତର ଶୀକାର ହୁଏ । ଏଥିରୁ ରକ୍ଷାପାଇବା ପାଇଁ ଆମେ ଥଣ୍ଡା ପାନୀୟ ଓ ଫଳ ଉପରେ ନିର୍ଭର କରିଥାଉ ।

ଅଂଶୁ ଅର୍ଥାତ୍ ସୂର୍ଯ୍ୟ କିରଣ ଦ୍ୱାରା ଆଘାତ ପ୍ରାପ୍ତ ହୋଇ ମୂର୍ଚ୍ଛା ବା ପ୍ରାଣ ହରାଇବା ପର୍ଯ୍ୟନ୍ତ ଅବସ୍ଥାକୁ ଅଂଶୁଘାତ କୁହନ୍ତି । ଗତ କେଇ ଦଶନ୍ଧିରୁ ଓଡିଶାର ତାପମାତ୍ରା ବୃଦ୍ଧିର ପ୍ରଭାବ ଅନୁଭୂତ ହୋଇଆସୁଥିଲେ ମଧ୍ୟ ୧୯୯୮ ମସିହାରେ ଏହା ଭୟଙ୍କର ରୂପ ଧାରଣ କରିଥିଲା । ସଚେତନତା ଅଭାବରୁ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ରାଜ୍ୟରେ ସେ ବର୍ଷ ୨୦୪୦ ହୋଇଥିଲା । ସେତେବେଳେ ଅଂଶୁଘାତକୁ ନେଇ ରାଜ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଯାଇଥିଲା । ଏଥିରୁ ତ୍ରାହି ପାଇବାପାଇଁ ତା ପର ବର୍ଷ ସରକାରଙ୍କ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅଂଶୁଘାତ ପୂର୍ବ ପ୍ରସ୍ତୁତି ଯୋଗୁଁ ଯଦିଓ ଅଂଶୁଘାତ ମୃତ୍ୟୁକୁ ବହୁମାତ୍ରାରେ ରୋକାଯାଇଛି ତଥାପି ଅଂଶୁଘାତ ସମ୍ପର୍କରେ ପାଣିପାଗ ପକ୍ଷରୁ ୟେଲୋ ଓ୍ୱାର୍ଣ୍ଣିଂ ସୂଚନା ମଣିଷ ମନରେ ଛନକା ଖେଳାଏ ।

ଉତ୍ତାପ ବୃଦ୍ଧିଯୋଗୁଁ ବିଭିନ୍ନ ଜଳାଶୟରେ ଖରାଦିନେ ଜଳର ଘୋର ଅଭାବ ସୃଷ୍ଟି ହୁଏ । ମୁନ୍ଦାଏ ପାଣି ପାଇଁ ଲୋକେ ଅନେକ ବାଟ ଅତିକ୍ରମ କରନ୍ତି । କେଉଁଠି ନଦୀବାଲି ତାଡି, କେଉଁଠି ଚୁଆ ଖୋଳି ଆଉ କେଉଁଠି ପାହାଡ ଝରଣାରୁ ଜଳ ସଂଗ୍ରହ କରି ଏହାକୁ ପାନୀୟ ଜଳ ଭାବେ ଲୋକେ ବ୍ୟବହାର କରିଥାନ୍ତି । ଜଙ୍ଗଲରେ ଥିବା ପଶୁପକ୍ଷୀ ଓ ତରୁଲତା ଜଳର ଅଭାବ ଯୋଗୁଁ ଡହଳ ବିକଳ ହୁଅନ୍ତି । ଦିନ ଦିନ ଧରି ଏପରି ଅଥୟ ଖରାପରେ ଖରାର ଉତ୍ତାପ ହଜି ଯାଇ ମଝିରେ ମଝିରେ ଆକାଶରେ ଘୋଟି ଆସେ କଳାମେଘ । ଗ୍ରୀଷ୍ମଋତୁର ସ୍ୱ ଏକ ବିଶେଷ ପ୍ରକ୍ରିୟା ଯୋଗୁଁ କାଳବୈଶାଖୀ ବର୍ଷା ଓ ଝଡତୋଫାନ ଗ୍ରାସ କରେ ସାରାଜଗତକୁ । ଯାହା ଫଳରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହରୁ ସାମାନ୍ୟ ତ୍ରାହି ମିଳିଥାଏ । ଖରାଦିନର ଏହି ଅସରାଏ ବର୍ଷା ଖାଲି ମାଟିକୁ ସୁବାଷିତ କରେନି ମନକୁ ବି ସୁବାଷିତ କରି ଭିଜେଇ ଦିଏ । ଭାରି ଭଲଲାଗେ ଖରାଦିନର ଏହି ଅସରାଏ ଅସରାଏ ବର୍ଷା । ଜଳଦାନ କରି ପୂଣ୍ୟ ଅର୍ଜନ କରିବା ପାଇଁ କେହି କେହି ପଥିକମାନଙ୍କ ପାଇଁ ଜଳଛତ୍ରର ବ୍ୟବସ୍ଥା କରିଥାନ୍ତି । ଘିମିରି, ବଥ ଆଦି ଚର୍ମ ରୋଗରୁ ରକ୍ଷା ପାଇବା ପାଇଁ କେତେକ ଚନ୍ଦନ ଦେହରେ ଲେପନ କରିଥାନ୍ତି । ଖରାଦିନେ ପଖାଳ ଖାଇବା ଭାରି ଉପକାର ହୋଇଥାଏ । ଦହି ପଖାଳ ମନରେ ଶୀତଳତା ଭରିଦିଏ । ପଖାଳ ଅଂଶୁଘାତ ସମସ୍ୟାକୁ ମଧ୍ୟ ପ୍ରତିହତ କରିଥାଏ । ପ୍ରକୃତି ବି ଗ୍ରୀଷ୍ମ ଋତୁକୁ ସ୍ୱାଗତ କରିବା ପାଇଁ ନାନା ଭାବରେ ସଜାଇ ହୋଇଥାଏ । ଏ ଋତୁରେ ଚମ୍ପା, ମଲ୍ଲୀ, ମାଳତୀ, ରାଧାଚୂଡା, କୃଷ୍ଣଚୂଡା, ମାଳତୀ, ବଣମଲ୍ଲୀ, ମାଳତୀ, ସୁଗନ୍ଧରାଜ, ଯୁଇ ଯାଇ ଆଦି ଫୁଲର ମହକ ସାଙ୍ଗକୁ ଆମ୍ବ, ପଣସ, ସପୁରୀ, ଲିଚୁ, ଜାମୁ, କେନ୍ଦୁ, ତାଳସଜ, ତରଭୁଜ ବିଭିନ୍ନ ପ୍ରକାର କୋଳି ର ପସରା ମେଲିଥାଏ । ଆଉ କିଛି ଦି ପରେ ସ୍କୁଲ,କଲେଜର ଗ୍ରୀଷ୍ମ ଅବକାଶ ହେବ । କେତେକ ଖରାଛୁଟିରେ ଘରେ ବିଶ୍ରାମ କରିବାର ଯୋଜନା କରିଥିବା ବେଳେ କେତେକ ବନ୍ଧୁ ବାନ୍ଧବ ଘର ପରିଭ୍ରମଣ ଓ ଆଉ କେତେକ ଲୋକ ଥଣ୍ଡା ସ୍ଥାନ ମାନଙ୍କରେ ଛୁଟି କଟାନ୍ତି ।


♥ ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪


ଅଳ୍ପ ଗଳ୍ପ

# ଗଣତନ୍ତ୍ର

ପ୍ରଫୁଲ୍ଲ ବାରିକ



ଦୀର୍ଘ ଚାରିଦିନ ହଟଚମଟ ପ୍ରଚାରର ଫଳ ଅବଶ୍ୟ ମିଳିଲା । ଦର୍ଶକ ଗ୍ୟାଲେରି ଥିଲା ଖଚାଖଚ୍ ଭିଡ଼ । ସୁଶୋଭିତ ତୋରଣ ସାଙ୍ଗକୁ ମଞ୍ଚ ଓ ବସିବା ସ୍ଥାନ ସଜବାଜରେ ଇନ୍ଦ୍ରଭୁବନ। ଶାସକ ଦଳ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଯେହେତୁ ବାହାରେ ପୁଲିସ ମାଳମାଳ । ବଡ଼ ଅଫିସର ବସିଥାଆନ୍ତି ନାଲି ଲାଇଟି ଜାଳି ଗାଡିରେ । ଆବଶ୍ୟକ ହେଲେ ଓହ୍ଲେଇବେ ତଳକୁ ।

ମଞ୍ଚରେ ମନ୍ତ୍ରୀଙ୍କ ସମେତ ଅତିଥିଙ୍କ ଲମ୍ବା ଧାଡି । ସଭାର ଔପଚାରିକ କର୍ମ ଅନ୍ତେ ଆସିଲା ଭାଷଣ ପାଳି। ଜଣକ ପରେ ଜଣେ କହିଚାଲିଲେ । ଭାଷଣର ହାବେଳିରେ ଉଜ୍ଜ୍ୱଳି ଉଠୁଥାଏ ଶ୍ରୋତାଙ୍କ ମୁଖଶ୍ରୀମାନ । ଦିନରେବି ଆଖିକୁ ଓହ୍ଲେଇ ଆସୁଥାଏ ସ୍ୱପ୍ନର ଶ୍ୟାମଳ ରୂପ। ଲାଗୁଥାଏ, ଦୁଃଖର ରାତି ପାହି ସାରିଛି । ଏଣିକି ସୁଖଇ ସୁଖ। କେବଳ ଦର୍କାର ସାହଚର୍ଯ୍ୟ ଜନତାର ।

ପକ୍କା ଦେଢ଼ଘଣ୍ଟା କୁହୁଡି ପହଁରା ଉତ୍ତାରୁ ଅନ୍ତିମ ଘୋଷଣା ହେଲା ସଭାର। ଆଗ ମଞ୍ଚାସୀନ ସତୀର୍ଥମାନଙ୍କର ହେଲା ପ୍ରସ୍ଥାନ ପର୍ବ । କାର ପଛକୁ କାର । ପଛେପଛେ ମାଳମାଳ ବାଇକର ବହଳ ଧୂଆଁ ଅପସରାନ୍ତେ ପଡିଲା ଦର୍ଶକଙ୍କ ନିଷ୍କ୍ରାନ୍ତର ପାଳି । ଧୂଳି ଉଡେଇ ଯିଏ ଯୁଆଡେ ଧାଉଁ ଥାଆନ୍ତି । ସଭାସ୍ଥଳ ଖାଲି ହେବାକୁ ଲାଗିଲାନି ଦଶ ମିନିଟ । ଶୂନ୍ୟତା ଓହ୍ଲେଇ ଆସୁଥାଏ କ୍ରମଶଃ ସଭାସ୍ଥଳୀକୁ । ଦେଖିଲି ତେବେବି ଦରଆଣ୍ଠୁଆ ହେଇ ଲୋକଟିଏ ବସିଛି । ଠିକ୍ ମଝାମାଝିକୁ । ବ୍ୟଗ୍ରତାର ଚିହ୍ନବର୍ଣ୍ଣ ନାଇଁ ତିଳେବି ତା'ଠି ।

ରହି ପାରିଲି ନାଇଁ । ଯାଇ ପଚାରିଲି - ଭାଇ, ତମେ ଯିବନି କି ? ବସିଛ ଯେ ?

ମୋ ମୁହଁକୁ ଅନେଇ ସେ ଠାରିଲେ ତାଙ୍କ ଗୋଡ଼ ଓ ପୂର୍ଣ ଶରୀରକୁ । କହିଲେ, ମୁଁ ଗଲେ ରଖିବେ ମୋତେ ? ଦଳିମକଚି କରିଦେବେ ମାଂସ ପିଣ୍ଡୁଳାଟିଏ।

ମୁଁ ଅନେଇଲି । ସମ୍ପୂର୍ଣ ଚଳତଶକ୍ତିହୀନ । ପୋଲିଓ ହେତୁ ଚାଲୁଛନ୍ତି ଘୁଷୁରି ଘୁଷୁରି । ଗୋଡ଼ ଆଣ୍ଠୁରେ ବହଳ ବିଣ୍ଡି । ଭରା ଦେଇଦେଇ କଳା ପଡିଯାଇଛି ।

ପଚାରିଲି - ଏ ଅବସ୍ଥାରେ ଆସିବା କଣ ଜରୁରୀ ଥିଲା ?

- ଥିଲା ବାବୁ । ନଥିଲେ ଆସି ଥାଆନ୍ତିକି ? ଆଗକୁ ଅଛି ଇନ୍ଦିରା ଆବାସ ପାଇବାର । ଏବେ ପାଉଛି ଟଙ୍କିକିଆ ଚାଉଳ । କହିଲେତ ନାଇଁ, ଧମକେଇଲେ, ନଗଲେ ସବୁ ଯିବ । ସମସ୍ତେ ଘର ପିଛା ଆସିଛନ୍ତି । ମୁଁ ନଆସି କିମିତି ରହି ଥାଆନ୍ତି କହିଲେ ? ମୋ ପରିବାର ସମ୍ବଳ ରହିବତ ? ଆମେ ବଂଚିବୁ ନା ନାଇଁ ?

ମୁଁ ଦୀର୍ଘଶ୍ୱାସ ଛାଡି ଉଚ୍ଚାରିଲି ମନେମନେ, ଧନ୍ୟ ଆମ ଗଣତନ୍ତ୍ର !

ତାଙ୍କୁ କହିଲି, ରାସ୍ତା ଯାକେ ଆସ। ମୁଁ ବ୍ୟବସ୍ଥା କରୁଛି ଯିବାର । ସେ ପହଂଚୁ ପହଂଚୁ ଅଟୋଟିଏ ମୁଁ ଠିକ କରି ସାରିଥାଏ । ଅଟୋକୁ ଉଠେଇ, ଆଗତୁରା ଭଡା ପୈଠ କରି ତାଙ୍କ ହାତରେ ଧରେଇ ଦେଲି ପଚାଶ ଟଙ୍କିଆ ନୋଟଖଣ୍ଡେ । ପ୍ରତିବଦଳରେ ପାଇଲି ଥରଥର ହାତରୁ ପାଞ୍ଚସାତ ଜୁହାର, ଯାହାର ମୂଲ୍ୟଥିଲା ମୁଁ ଦେଇଥିବା ଟଙ୍କାଠାରୁ ଢେର ଅଧିକ ।


♥ ଚନ୍ଦନବିନ୍ଧା, ଚାନ୍ଦବାଲି,
ଭଦ୍ରକ
ମୋ. ୯୨୩୮୯୨୦୪୦୫

# କଦଳିଆ ହନୁମାନ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ବେତନଟୀ, ୦୭/୪ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ କଦଳିଆ ଗ୍ରାମସ୍ଥିତ ହନୁମାନ ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାର୍ଷିକ ପ୍ରତିଷ୍ଠା ଉତ୍ସବ , ଯଜ୍ଞାନୁଷ୍ଠାନ , ପୂର୍ଣ୍ଣାହୁତି ସହିତ ସମାପିତ ହୋଇଛି । ୩ ତାରିଖ ବୁଧବାର ମଙ୍ଗଳ କିର୍ତ୍ତନ ସହିତ କଳସ ଶୋଭାଯାତ୍ରାରୁ ଆରମ୍ଭ ହୋଇଥିବା ହନୁମାନ ମନ୍ଦିରର ୧୭ତମ ବାର୍ଷିକ ଉତ୍ସବ, ଶ୍ରୀରାମଚରିତ ମାନସ ପାରାୟଣ , ଭଜନ ସନ୍ଧ୍ୟା , ନବାହ୍ନ ପାରାୟଣ, ପ୍ରବଚନ , ଜ୍ଞାନଯଜ୍ଞ ଓ ଘୃତଯଜ୍ଞ ଶୁକ୍ରବାର ସଂପନ୍ନ ହୋଇଛି । ଏହି ଅବସରରେ ଆଜି ଯଜ୍ଞକୁଣ୍ଡ ନିକଟରେ ଥିବା ଏକ ବର ଓ ଅଶ୍ୱସ୍ଥ ବୃକ୍ଷର ବିବାହ କାର୍ଯ୍ୟ ବହୁ ଆଡମ୍ବରରେ ବିଧି ଅନୁଯାଇ ଅନୁଷ୍ଠିତ ହୋଇଥିଲା । ଏହି ଆଧାତ୍ମିକ କାର୍ଯ୍ୟକ୍ରମ କଦଳିଆ ଅଞ୍ଚଳରେ ଏକ ଭକ୍ତିମୟ ତଥା ସାତ୍ତ୍ୱିକ ବାତାବରଣ ସୃଷ୍ଟି କରିଥିଲା। ଶତାଧିକ ଶ୍ରଦ୍ଧାଳୁ ପ୍ରତ୍ୟହ ଶ୍ରୀରାମଚରିତ ମାନସ ପାରାୟଣ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହିତ ଯଜ୍ଞାନୁଷ୍ଠାନ ଏବଂ ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସ୍ୱାମୀ ଅଦୈତାନନ୍ଦ ମହାରାଜ, ପୁରୀ ଦିବ୍ୟଜୀବନ ସଂଘର ସଭାପତି ତଥା ପ୍ରାଧ୍ୟାପକ ଡ଼ଃ ପ୍ରଭାତ ରଞ୍ଜନ ମହାପାତ୍ର ଓ ନୀଳଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ୍ତ ମିଶ୍ରଙ୍କ ଦ୍ୱାରା ଆବୃତ ଶ୍ରୀରାମ କଥାମୃତ ଶ୍ରବଣ କରିଥିଲେ। ପ୍ରତିଦିନ ସକାଳରୁ ଅପରାହ୍ନ ଯାଏଁ ବିଭିନ୍ନ ଅଞ୍ଚଳରୁ ଆସିଥିବା ପଣ୍ଡିତଙ୍କ ଦ୍ୱାରା ଶ୍ରୀରାମଚରିତ ମାନସ ପାରାୟଣ ଓ ଯଜ୍ଞ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏହି ତିନି ଦିନର କାର୍ଯ୍ୟକ୍ରମକୁ କଦଳିଆ ଗ୍ରାମବାସୀଙ୍କ ସମେତ ମହାବୀର ସେବକ ସମାଜ ପରିଚାଳନା କରିଥିଲେ।

## ଔପଦା-ଗଣ୍ଡିବେଡ ରାସ୍ତାରେ ଦୁର୍ଘଟଣା: ଜଣେ ମୃତ,ଜଣେ ଗୁରୁତର

ଖଇରା, ୦୭/୪ (ନି.ପ୍ର): ଗଣ୍ଡିବେଡ-ଔପଦା ରାସ୍ତାର କଖାରୁଆ ଛକରେ ଶନିବାର ଅପରାହ୍ନରେ ବାଇକ ଦୁର୍ଘଟଣା ରେ ଜଣେ ବାଇକ ଆରୋହୀ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ କଲେଜ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ସୋର ଦହିପୁର ଗ୍ରାମର ଖଗେନ୍ଦ୍ର ନାୟକ(୨୫) ନିଜ ସାଥିଙ୍କ ସହ ବାଇକରେ ଔପଦା ଯାଉଥିବା ବେଳେ ବିପରିତ ଦିଗରୁ କଖାରୁଆ ଗ୍ରାମ ଅଭିମୁଖେ ଆସୁଥିବା ଔପଦା କଲେଜ ଛାତ୍ରୀ ଶୁଭଲକ୍ଷ୍ମୀ ଆରୁଖ(୧୯) ଙ୍କ ସହ କଖାରୁଆ ଛକରେ ମୁହାଁମୁହିଁ ଧକ୍କା ହୋଇଥିଲା । ଖଗେନ୍ଦ୍ର ଓ ଶୁଭଲକ୍ଷ୍ମୀଙ୍କୁ ଖଇରା ଗୋଷ୍ଠୀକେନ୍ଦ୍ରକୁ ଅଣାଯିବା ପରେ ଖଗେନ୍ଦ୍ରଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

# ଇଦ-ଉଲ-ଫିତର ଓ ରାମନବମୀ ୨୦୨୪ ପାଳନ ପରିପ୍ରେକ୍ଷୀରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୦୭/୪ (ନି.ପ୍ର): ଆସନ୍ତା ୧୧ ତାରିଖରେ ପାଳନ ହେବାକୁ ଥିବା ଇଦ-ଉଲ-ଫିତର ଓ ୧୭ ତାରିଖରେ ପାଳନ ହେବାକୁ ଥିବା ରାମନବମୀ ଉତ୍ସବକୁ ଦୃଷ୍ଟିରେ ରଖି ଆଜି ପୂର୍ବାହ୍ନ ଘ.୧୧.୩୦ ମି ସମୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲାପାଳ ଶ୍ରୀ ଆଶୀଷ ଠାକରେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ନିରଞ୍ଜନ ବେହେରା ଓ ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପ୍ରମୁଖ ମଞ୍ଚାସୀନ ଥିଲେ ଓ ଏଥି ସହିତ ପାନୀୟଜଳ, ସ୍ୱାସ୍ଥ୍ୟ, ପୋଲିସ, ବିଦ୍ୟୁତ, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ଧାର୍ମିକ ଏବଂ ଗୋଷ୍ଠୀଙ୍କ ପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

ଗ୍ରୀଷ୍ମ ପ୍ରବାହ ଏବଂ ଆଦର୍ଶ ଆଚରଣ ସଂହିତା ଦ୍ୱାରା ଲାଗୁ ହୋଇଥିବା କଟକଣାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାରର ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ ମତ ପ୍ରକାଶ କରିଥିଲେ ଓ ଅନୁରୂପ ଭାବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ଉପରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ଗୁରୁତ୍ୱାରୋପ କରିଥିଲେ । ରାମନବମୀ ଉପଲକ୍ଷେ ଆସନ୍ତା ୧୬ ତାରିଖରେ ହେବାକୁ ଥିବା ମୋଟର ସାଇକଲ ରାଲି ନିମନ୍ତେ ଅପରାହ୍ନ ୩ ଘଟିକାରୁ ୬ ଘଟିକା ପର୍ଯ୍ୟନ୍ତ ସମୟ ନିର୍ଧାରଣ କରାଯାଇଛି ଓ ସେହି ଭଳି, ଆସନ୍ତା ୧୭ ତାରିଖରେ ହେବାକୁ ଥିବା ପଦଯାତ୍ରା ନିମନ୍ତେ ଅପରାହ୍ନ ଘ. ୧ ଠାରୁ ରାତ୍ରି ୯ ପର୍ଯ୍ୟନ୍ତ ସମୟ ଚୂଡାନ୍ତ କରାଯାଇଛି ଓ ମୋଟର ସାଇକଲ ରାଲି ଓ ପଦଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ ସିଷ୍ଟମ ଉପରେ ସମ୍ପୂର୍ଣ୍ଣ କଟକଣା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଝାଙ୍କିର ଉଚ୍ଚତା ଭୂମିପୃଷ୍ଠରୁ ୮ ଫୁଟ ମଧରେ ରହିବ ଓ ଯାତ୍ରା ବେଳେ କୌଣସି ପ୍ରକାରର ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ଗ୍ରୀଷ୍ମ ପ୍ରବାହ ସମୟରେ ଉପସ୍ଥିତ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ଜଳ କେନ୍ଦ୍ର ଏବଂ ଚିକିତ୍ସା ସୁବିଧାର ବ୍ୟବସ୍ଥା କରାଯିବାର ସୂଚନା ଦିଆଯାଇଥିଲା। ଟ୍ରାଫିକ୍ ପରିଚାଳନା, ଭିଡ଼ ନିୟନ୍ତ୍ରଣ, ନିର୍ବାଚନ କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ଗାଇଡ୍‌ଲାଇନ୍ କଡ଼ାକଡ଼ି ଲାଗୁ କରିବା ପାଇଁ ପୁଲିସ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ। ସିଟି ଡିଏସପି ଶ୍ରୀମତୀ ଗାୟତ୍ରୀ ପ୍ରଧାନ ମଞ୍ଚ ପରିଚାଳନା କରିବା ସହିତ ବିଭିନ୍ନ ନିୟମାବଳୀ ସମ୍ପର୍କରେ ସଭାକୁ ସୂଚନା ଦେଇଥିଲେ । ଆସନ୍ତା ଇଦ-ଉଲ-ଫିତର ଓ ରାମନବମୀକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ନୀଳଗିରି ଭାରତୀୟ ଜନତାପାର୍ଟିର ୪୫ତମ ପ୍ରତିଷ୍ଠା ଦିବସ ପାଳିତ

ନୀଳଗିରି: ଆଜି ଭାରତୀୟ ଜନତାପାର୍ଟି ନୀଳଗିରି ତରଫରୁ ପାର୍ଟିର ୪୫ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଅଛି ।ଏହି କାର୍ଯ୍ୟକ୍ରମରେ ବିଜେପିର ଲୋକସଭା ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଭାରତୀୟ ଜନତାଦଳର ସୃଷ୍ଟି ଓ ଏହାର ଲକ୍ଷ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା,ଚନ୍ଦ୍ରଶେଖର ନନ୍ଦ,ଚନ୍ଦ୍ରବିନ୍ଦୁ ଦାସ,ପ୍ରବୀଣ ନାୟକ,ମନୋରଞ୍ଜନ ବେହେରା,ସମର ଶଙ୍କର କାନୁନଗୋ ବଳରାମ ବିଶ୍ୱାଳ,ସୂର୍ଯ୍ୟକାନ୍ତ ବିଶ୍ୱାଳ,ଦେବାଶିଷ ଆଚାର୍ଯ୍ୟ,ଚନ୍ଦ୍ରଶେଖର ମହାଳିକ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ବକ୍ତାମାନେ ଆଗାମୀ ଦିନରେ ନୀଳଗିରିରେ କର୍ମୀମାନେ କଠୋର ପରିଶ୍ରମ କରି ସଂଗଠନକୁ ଅଧିକ ଶକ୍ତିଶାଳୀ କରିବା ସହ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାର ତୃଣମୂଳ ସ୍ତରରେ ପ୍ରଚାର ପ୍ରସାର କଲେ ନୀଳଗିରିରେ ପୁଣି ବିଜେପି ତାର ବିଜୟର ବାନା ଉଡାଇବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ।



# ସୁମନ ଓ ରାଜେଶ ସ୍ମାରକୀ ଅହୋରାତ୍ର କ୍ରିକେଟ ମ୍ୟାଚ୍



ବାସୁଦେବପୁର, ୦୭/୪ (ନି.ପ୍ର): ସ୍ଥାନୀୟ ବାସଠି ରାଧାବଲ୍ଲଭପୁର, ଖେଳ ପଡିଆ ଠାରେ ଶାନ୍ତି ନିକେତନ ୟୁଥ୍ କ୍ଲବ୍ ଆନୁକୁଲ୍ୟ ରେ ଏକ ଅହୋରାତ୍ର କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ଆଠ ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ବିଭୂତି ଭୂଷଣ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଦୀପ୍ତ ମହାନ୍ତି ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଦଶ ଅଭର ଖେଳ ବିଶିଷ୍ଟ ମ୍ୟାଚ୍ ଅନୁଷ୍ଠିତ ହୋଇ ଥିଲା ବେଳେ ମନୋଜ ବେହେରା ଓ ମୃତ୍ୟୁଞ୍ଜୟ ରାଉତ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ। ଶେଷ ତଥା ଅନ୍ତିମ ମ୍ୟାଚ୍ ରେ ପାନ ପୁର କୁ ହରାଇ କଇଥ ଖୋଲା ଟିମ୍ ଚମ୍ପିୟାନ ହୋଇପାରିଥିଲା। ବିଜୟୀ ଦଳ କୁ ଦଶ ହଜାର ଟ୍ରଫି ଓ ରନସ ଅପ୍ ଦଳକୁ ଛଅ ହଜାର ଟ୍ରଫି ପ୍ରଦାନ କରାଯାଇଛି। ମ୍ୟାନ ଅଫ ଦି ସିରିଜ ଭାବେ ହେମନ୍ତ ଭୋଇ ଓ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ମାନସ ବାରିକ୍ କଇଥ ଖୋଲା ଟିମ୍ ରେ ଘୋଷଣା କରାଯାଇଛି ।କ୍ଲବ୍ ର ସଭାପତି ବିଜୟ ବାରିକ୍ ଓ ସମ୍ପାଦକ ସପନ ଶେଣ୍ଡ ଓ ସଦସ୍ୟ ରୂପକ ବାରିକ୍, ସଞ୍ଜୟ ବାରିକ୍, ତାପସ ବାରିକ୍, ବିଶ୍ୱ ରଞ୍ଜନ ଦାସ, ସ୍ୱଦେଶ ବାରିକ୍, ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସଫଳ କରାଇ ଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭାରତର ନିର୍ବାଚନରେ ...

ଚାଇନା ପକ୍ଷରୁ ଏଆଇ ଦ୍ୱାରା ନକଲି ରାଜନୀତିକ ବିଜ୍ଞାପନ ତିଆରି କରାଯିବ। ମିଥ୍ୟା ବିଷୟବସ୍ତୁ ଓ ଡିଫେକ୍ ଦ୍ୱାରା ସୋଶାଲ ମିଡିଆରେ ବିଭିନ୍ନ ଭିଡିଓକୁ ପ୍ରଚାର କରିବାକୁ ଯୋଜନା ହୋଇଛି। ନିର୍ବାଚନ ବର୍ଷରେ ଏପରି କାମ ନିଶ୍ଚିତ ଭାବେ ଲୋକଙ୍କୁ ପ୍ରଭାବିତ କରିବ। ଲୋକଙ୍କୁ ବିଭିନ୍ନ ପ୍ରାର୍ଥୀଙ୍କ ସମ୍ପର୍କରେ ବିଭ୍ରାନ୍ତୀକର ତଥ୍ୟ ଦେବାକୁ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିପାରେ। ଯଦି କୌଣସି ବିଷୟବସ୍ତୁକୁ ଚେକ କରା ନଯାଏ, ତା'ହେଲେ ନକଲି ତଥା ମିଥ୍ୟା ବିଷୟବସ୍ତୁ ଜନମତକୁ ପ୍ରଭାବିତ କରିବ ବୋଲି ମାଇକ୍ରୋସଫ୍ଟ କହିଛି। ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ତାଇୱାନର ନିର୍ବାଚନ ସମୟରେ ଚାଇନାର ଗୋଟିଏ ସାଇବର ଗ୍ରୁପ ବେଶ ସକ୍ରିୟ ଥିଲା। ନକଲି ଅଡିଓ, ମେମ ଓ ଭିଡିଓ ଗ୍ରୁପ ପକ୍ଷରୁ ଇଓକୁ ବ୍ୟବହାର କରି ତିଆରି କରାଯାଉଥିଲା। କିଛି ପ୍ରାର୍ଥୀଙ୍କୁ ବଦନାମ କରିବା ଓ ଭୋଟରଙ୍କ ଧାରଣାକୁ ପ୍ରଭାବିତ କରିବା ହିଁ ଏହାର ଉଦ୍ଦେଶ୍ୟ ଥିଲା। ସମାନ ସ୍ଥିତି ଭାରତରେ ସୃଷ୍ଟି କରିବାକୁ ଚାଇନା ମସୁଧା କରୁଥିବା ମାଇକ୍ରୋସଫ୍ଟ ଆକଳନ କରିଛି।

## ବିଜେପି ଛାଡ଼ିଲେ ....

ନିଲମ୍ବିତ ହୋଇ ବିଜେପିରେ ସାମିଲ ହୋଇଥିବା ଜଳେଶ୍ୱର ବ୍ଲକ୍ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନଙ୍କୁ ବିଜେପି ଟିକେଟ ଘୋଷଣା କରିଥିଲା, ଯେଉଁଥିରେ ଶ୍ରୀ ମହାନ୍ତି ଅସନ୍ତୁଷ୍ଟ ହୋଇଥିଲେ ବିଜେପି ଦଳର ଛାମୁଆ ନେତା ଶ୍ରୀ ମହାନ୍ତିଙ୍କୁ ବୁଝାଇବାକୁ ଉଦ୍ୟମ କରି କିଛି ଘଣ୍ଟା ସମୟ ମାଗିଥିବା ବେଳେ ପର ମୁହୂର୍ତ୍ତରେ ଦଳୀୟ ଅସହାୟତା ପ୍ରକାଶ କରିଥିବା ବିଶେଷ ସୂତ୍ରରୁ ଜଣାଯାଇଥିଲା। ଆଜି ଶ୍ରୀ ମହାନ୍ତି ବିଜେପିରୁ ଇସ୍ତଫା ଦେଇଥିବା ବେଳେ ଆଗାମୀ ଦିନରେ କେଉଁ ଦଳରେ ସାମିଲ ହେବେ ସେନେଇ କୌଣସି ନିଷ୍ପତ୍ତି ହୋଇନଥିବା ପ୍ରକାଶ କରିଛନ୍ତି। ତେବେ ଆସନ୍ତାକାଲି ଶ୍ରୀ ମହାନ୍ତି ବିଜେଡିରେ ସାମିଲ ହୋଇପାରନ୍ତି ବୋଲି ତାଙ୍କର ସମର୍ଥକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଅସହ୍ୟ ତାତି: ୪ ସହରର....

୪୦.୪, ସମ୍ବଲପୁରରେ ୪୧.୭, ସୁନ୍ଦରଗଡ଼ରେ ୪୦.୮, ହୀରାକୁଦରେ ୪୧.୧, ତାଳଚେରରେ ୪୨, ଭବାନୀପାଟଣାରେ ୪୨.୮, ବଲାଙ୍ଗିରରେ ୪୨.୩, ଫୁଲବାଣୀରେ ୪୧.୧, ସୋନପୁରରେ ୪୧.୨, ନୟାଗଡ଼ରେ ୪୨.୩, ପାରଳାଖେମୁଣ୍ଡିରେ ୪୨, ଢେଙ୍କାନାଳରେ ୪୧, ବରଗଡ଼ରେ ୪୦.୨, ନୂଆପଡ଼ାରେ ୪୦, ଖୋର୍ଦ୍ଧାରେ ୪୦.୫, କେନ୍ଦ୍ରାପଡ଼ାରେ ୪୦ ଓ ରାଉରକେଲାରେ ୪୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଆସନ୍ତାକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା କମ୍ ରହିବ। କେବଳ ବଲାଙ୍ଗିର, ଭବାନୀପାଟଣା ଓ ମାଲକାନଗିରିରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବ। ନବରଙ୍ଗପୁର, ନୂଆପଡ଼ା, ଟିଟିଲାଗଡ଼, ରାୟଗଡ଼ା, ପାରଳାଖେମୁଣ୍ଡି, ବୌଦ୍ଧ, ନୟାଗଡ଼, ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ରହିପାରେ। ସେହିପରି ଭୁବନେଶ୍ୱର ଓ କଟକରେ ଆସନ୍ତାକାଲି ତାପମାତ୍ରା ଯଥାକ୍ରମେ ୩୭ ଓ ୩୮ ଡିଗ୍ରୀକୁ ଖସି ଆସିବ। ରବିବାର (ଏପ୍ରିଲ ୭) ଓ ସୋମବାର (ଏପ୍ରିଲ ୮) ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ସୋମବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଅନୁଗୋଳ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର ଓ କଟକ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ କୁଆ ପଥର ବର୍ଷା ହୋଇପାରେ। ସେଥିପାଇଁ ଏହି ସବୁ ଜିଲ୍ଲା ଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, ଯାଜପୁର, କେନ୍ଦୁଝର, କଟକ, ଖୋର୍ଦ୍ଧାଆ, ବୌଦ୍ଧ, ମୟୂରଭଞ୍ଜ, ଦେବଗଡ଼ ଓ ନୟାଗଡ଼ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲା ଗୁଡ଼ିକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ସୋମବାର (ଏପ୍ରିଲ ୮) ସକାଳ ସାଢ଼େ ୮ଟାରୁ ମଙ୍ଗଳବାର ସକାଳ ସାଢ଼େ ୮ଟା ମଧ୍ୟରେ କନ୍ଧମାଳ, ଗଞ୍ଜାମ ଓ କଳାହାଣ୍ଡି ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ଜିଲ୍ଲା ଗୁଡ଼ିକୁ ୟେଲୋ ୱାର୍ଣ୍ଣି ଜାରି କରାଯାଇଛି। ଏହି ସମୟ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ହୋଇପାରେ।

## ୭୧ ହଜାର ପାର ....

୧୩୧୦ ଟଙ୍କା ବୃଦ୍ଧି ହୋଇଛି। ୧୦ ଦିନ ମଧ୍ୟରେ ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୧ ଗ୍ରାମ ପିଛା ୬,୧୮୫ ଟଙ୍କାରୁ ବୃଦ୍ଧି ପାଇ ୬୫୫୦ ଟଙ୍କାରେ ପହଞ୍ଚିଛି। ସେହିପରି ୧୦ ଦିନ ମଧ୍ୟରେ ୨୪ କ୍ୟାରେଟ୍ ସୁନାର ଦର ୧ ଗ୍ରାମ ପ୍ରତି ୬,୭୪୬ ଟଙ୍କାରୁ ବୃଦ୍ଧି ପାଇ ୭,୧୪୪ ଟଙ୍କାରେ ପହଞ୍ଚିଛି। ସୁନା ଉତ୍ପାଦନକାରୀ ମଧ ପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି, ଆମେରିକା ଫେଡରାଲ ରିଜର୍ଭର ସୁଧ ହାର ହ୍ରାସ ନିଷ୍ପତ୍ତି ଯୋଗୁଁ ଗତ କିଛି ଦିନ ହେଲା ସୁନା ଓ ରୁପା ଦର ଲଗାତାର ଭାବେ ଉପରମୁହାଁ ହୋଇଚାଲିଛି। ଏମିତିକି ଏ ଦରବୃଦ୍ଧି ଆଉ କେତେ ଦିନ ଲାଗି ରହିବ, ତାହା ଆକଳନ କରିବା ସମ୍ଭବ ନୁହେଁ ବୋଲି କହିଛନ୍ତି ଗହଣା ବ୍ୟବସାୟୀ।

## କଂଗ୍ରେସର ନିର୍ବାଚନୀ ....

ମୋଦି ସେହି ଦ୍ୱାର ଖୋଲିଛନ୍ତି। ମୁଁ ସୈନିକ ସ୍କୁଲର ଦ୍ୱାର ଖୋଲିଛି। ଆମେ ପ୍ରସବକାଳୀନ ଛୁଟିକୁ ୬ ମାସକୁ ବୃଦ୍ଧି କରିଛୁ। ମହିଳା ଓ ଝିଅମାନଙ୍କ ପାଇଁ ବ୍ୟବସ୍ଥାପିକାରେ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଆଇନ ପ୍ରଣୟନ କରିଛୁ। ଆମ ଗାଁ ଗୁଡ଼ିକରେ ମହିଳାମାନେ ସାଇକେଲ ଚଳାଇ ପାରୁ ନଥିଲେ। ବର୍ତ୍ତମାନ ସେମାନେ ଡ୍ରୋନ ଉଡ଼ାଉଛନ୍ତି। ଇସ୍ରୋ ପ୍ରୋଜେକ୍ଟରେ ସାମିଲ ହେଉଛନ୍ତି। ଆପଣମାନେ ଭାବୁଥିବେ ବହୁତ କିଛି ହୋଇଛି। କିନ୍ତୁ ଆପଣମାନଙ୍କୁ ମୁଁ ମୋର ମନର କଥା କହିବାକୁ ଚାହୁଁଛି। ଏସବୁ କେବଳ ଟ୍ରେଲ ଥିଲା। ଆମେ ଆମର ଦେଶକୁ ଆହୁରି ଆଗକୁ ନେବାର ଅଛି। ଆପଣଙ୍କ ସ୍ୱପ୍ନ ମୋର ପ୍ରତିବଦ୍ଧତା। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଅଛି।" କଂଗ୍ରେସ ଏହାକୁ କାଉଣ୍ଟର କରିବା ସହ ପ୍ରଧାନମନ୍ତ୍ରୀ ତାଙ୍କ ନିଜର ଇତହାସ ଜାଣି ନଥିବା କହିଛନ୍ତି। କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି, "ପ୍ରଧାନମନ୍ତ୍ରୀ ନିଜର ଇତିହାସ ବୋଧେ ଜାଣି ନାହାନ୍ତି। ଆଉ କେହି ନୁହେଁ, ବରଂ ହିନ୍ଦୁ ମହାସଭାର ସଭାପତି ଶ୍ୟାମା ପ୍ରସାଦ ମୁଖାର୍ଜୀ ହିଁ ବେଙ୍ଗଲରେ ମୁସଲିମ ଲିଗ ସହ ଗଠନ ହୋଇଥିବା ମେଣ୍ଟ ସରକାରରେ ରହିଥିଲେ। କଂଗ୍ରେସ ନୁହେଁ, ବିଜେପି ହିଁ ବିଭେଦତା ରାଜନୀତିରେ ବିଶ୍ୱାସ କରେ।"

## କୋର୍ଟଙ୍କ ବଡ଼ ନିର୍ଦ୍ଦେଶ: ଅଲଗା ହେବା ....

ପାଇଁ ଦେବାକୁ କହିଥିଲେ। ଏହାକୁ ବ୍ୟକ୍ତି ଜଣଙ୍କ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ହାଇକୋର୍ଟ ଟ୍ରାଏଲ କୋର୍ଟଙ୍କ ରାୟରେ କୌଣସି ପ୍ରକାରରେ ପରିବର୍ତ୍ତନ କରିନାହାନ୍ତି। ଯଦି ଜଣେ ବ୍ୟକ୍ତି ଓ ମହିଳା ବାହା ନ ହୋଇ ବି ଏକାଠି ରହୁଥିବା ପ୍ରମାଣ ମିଳୁଛି, ତା'ହେଲେ ମହିଳାଙ୍କୁ ଅଲଗା ହେବା ପରେ କ୍ଷତିପୂରଣ ଦେବାକୁ କେବେ ହେଲେ ମନା କରାଯାଇ ପାରିବ ନାହିଁ। ଟ୍ରାଏଲ କୋର୍ଟ ଶୁଣାଣି ବେଳେ ହୃଦୟଙ୍ଗମ କରିଥିଲେ ଯେ ମହିଳା ଓ ବ୍ୟକ୍ତି ଜଣଙ୍କ ସ୍ୱାମୀ-ସ୍ତ୍ରୀ ଭାବେ ରହୁଥିଲେ। ଅତିରିକ୍ତ ଭାବେ ସେମାନଙ୍କର ଗୋଟିଏ ଛୁଆ ମଧ ହୋଇଛନ୍ତି। ତେଣୁ ମହିଳା ଜଣଙ୍କ ଭରଣପୋଷଣ ପାଇବାକୁ ହକଦାର ବୋଲି ହାଇକୋର୍ଟ କହିଛନ୍ତି। ଭାରତରେ ଦିନକୁ ଦିନ ଲିଭ ଇନ ସମ୍ପର୍କ ଘଟଣା ବଢ଼ିବାରେ ଲାଗିଛି। ଲିଭ ଇନରେ ରହୁଥିବା ପୁଅ-ଝିଅ ପରବର୍ତ୍ତୀ ଅବସ୍ଥାରେ ଅଲଗା ହୋଇ ଯାଉଛନ୍ତି। କିନ୍ତୁ ଅଲଗା ହେଉଥିବା ଝିଅମାନଙ୍କୁ କୌଣସି ପ୍ରକାରର ଆଇନଗତ ସୁରକ୍ଷା ମିଳୁ ନାହିଁ। ତେଣୁ ଏପରି ଏକ ରାୟ ନିଶ୍ଚିତ ଭାବେ ଏକା ହୋଇଯାଉଥିବା ଝିଅ ଓ ମହିଳାମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବ ବୋଲି କୁହାଯାଉଛି।

# ସଙ୍ଗୀତ କଳା ପରିଷଦ ପକ୍ଷରୁ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ



ବାସୁଦେବପୁର, ୦୭/୪ (ନି.ପ୍ର): ବାସୁଦେବପୁର ସଙ୍ଗୀତ କଳା ପରିଷଦ ପକ୍ଷରୁ ସାଂସ୍କୃତିକ ଉତ୍ସବ ଉଦଘାଟିତ ହୋଇ ଯାଇଛି । ଏହି ଉତ୍ସବରେ କୁନି କୁନି ପିଲା ମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରି ସାରିବା ପରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଶାନ୍ତିଲତା ବାରିକ୍ ଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଉତ୍ସବରେ କବି ଓ ଆଇନଜୀବୀ ପ୍ରଦୀପ କୁମାର ମହାନ୍ତି, ସଞ୍ଜୟ କୁମାର ମହାନ୍ତି, ସଙ୍ଗୀତ କଳା ପରିଷଦ ର ଅଧକ୍ଷା ନିଳୀମା ରାୟ, ଆଇନଜୀବୀ ଦିଲ୍ଲୀପ କୁମାର ରାୟ, ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳା ସାହିତ୍ୟ ଓ ସଂସ୍କୃତି ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ପ୍ରାଚୀନ କଳା କେନ୍ଦ୍ର ଚଣ୍ଡିଗଡ ସହିତ ସହ ବନ୍ଧନ ଏହି ସଙ୍ଗୀତ କଳା ପରିଷଦ। ଏହି ଅବସରରେ ସଙ୍ଗୀତ କଳା ପରିଷଦ କଳାକାର ଛାତ୍ର ଛାତ୍ରୀ ବିଭିନ୍ନ ପ୍ରକାରର ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ଆଇନଜୀବୀ ବିଜୟ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ରବି ଋତୁ ୨୦୨୩-୨୪ ପାଇଁ ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ

ବାରିପଦା, ୦୭/୪ (ନି.ପ୍ର): ଆଗାମୀ ରବି ଋତୁ ପାଇଁ ଶନିବାର ଦିନ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ ସଭାବନା ଗୃହଠାରେ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ (ଭା.ପ୍ର.ସେ) ଅଧକ୍ଷତା କରିଥିଲେ। ସୂଚନା ଥାଉକି ଏହି ବୈଠକରେ ରବି ୨୦୨୩-୨୪ ନିମନ୍ତେ ଧାନ ସଂଗ୍ରହ ପାଇଁ ଆଗାମୀ ମଇ ୨୨ ତାରିଖ ଦିନ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସ୍ଥିର ହେଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସମସ୍ତ ଉପଜିଲ୍ଲାପାଳ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଏହି ଧାନ ସଂଗ୍ରହ କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନା କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ସଂହିତା ଲାଗୁ ହୋଇଥିଲେ ମଧ ଚାଷୀ ମାନଙ୍କୁ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ବିଶେଷ ଧ୍ୟାନ ଦେବା ପାଇଁ ଅଧିକାରୀ ମାନଙ୍କୁ କହିଥିଲେ। ଏହି ବୈଠକରେ, ମୁଖ୍ୟ ନାଗରିକ ଯୋଗାଣ ଅଧିକାରୀ, ଶ୍ରୀ କୃଷ୍ଣ ଚନ୍ଦ୍ର ସେଠି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଶ୍ରୀ ସିଦ୍ଧାର୍ଥ ବେହେରା, ସମବାୟ ସମିତି ଉପନିବନ୍ଧକ ଶ୍ରୀ କେ. ସି ଦାସ, ଏବଂ ସିସିଓ ଶ୍ରୀ ଅନାଦି ସେଠି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ୨୦୨୩-୨୪ ରବି ବର୍ଷ ରେ ଜିଲ୍ଲାରେ ସର୍ବମୋଟ୍ ୧୦୭୯ ଜଣ ଧାନ ଉତ୍ପାଦକ ଚାଷୀ ପଞ୍ଜିକରଣ କରିଛନ୍ତି। ବାରିପଦା ଏବଂ କପ୍ତିପଦା ଦୁଇଟି ଉପଖଣ୍ଡର ସମୁଦାୟ ୮ଟି ବ୍ଲକରେ ୧୭ ଟି ଲାଂମ୍ପରୁ ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍ ଏମ ସି ର ଅଧ୍ୟକ୍ଷ ମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀ ମାନଙ୍କ ସହିତ ଉତ୍ତମ ଯୋଗା ଯୋଗ କରି ଏହି ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ଜିଲ୍ଲାପାଳ କହିଥିଲେ। ଜିଲ୍ଲାପାଳ ଶ୍ରୀ ସିନ୍ଧେ ଏହା ମଧ କହିଥିଲେ ଯେ ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକେନ୍ ଦେବାର ବ୍ୟବସ୍ଥା କରାଯିବ। କଳାବଜାରୀ ଏବଂ ଆବଶ୍ୟକୀୟ ଧାନ ପଡୋଶୀ ଜିଲ୍ଲାକୁ ସ୍ଥାନାନ୍ତରଣ ବାବଦରେ ଜିଲ୍ଲାପାଳ କହିଲେ ଯେ ଏହି ସବୁ ବେଆଇନ କାର୍ଯ୍ୟପାଇଁ ଜିଲ୍ଲାର ସମସ୍ତ ସୀମାରେଖା ରେ ପୋଲିସ୍ ମୁତୟନ କରାଯିବ ଏବଂ ଏହାର କଡାକଡି ଯାଞ୍ଚ୍ ହେବ। ସମସ୍ତ ଚାଷୀ ମାନଙ୍କୁ ନିଜ ଫସଲକୁ ଯଥରିତିରେ ମଣ୍ଡି ରେ ଆଣି ପହଞ୍ଚାଇବାକୁ ଏହି ବୈଠକରେ ନିଷ୍ପତ୍ତି ନିଆଗଲା। ଏହି ଅବସରରେ ଜିଲ୍ଲା କୃଷି ବିଭାଗର ସମସ୍ତ କର୍ମଚାରୀ ସମେତ ପଞ୍ଚାୟତ ଏବଂ ରାଜସ୍ୱ ବିଭାଗର ସମସ୍ତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ରହି ଏହି ବୈଠକ କୁ ସଫଳ କରିଥିବାର ସୂଚନା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣିଙ୍କ ଠାରୁ ପ୍ରକାଶ।

# ବୀର ସହିଦ ରଘୁନାଥ ମାହାତୋଙ୍କ ୨୪୬ ତମ ସହୀଦ ଦିବସ ପାଳନ

ବେଡନଟୀ, ୦୭/୪ (ନି.ପ୍ର): ପଶ୍ଚିମବଙ୍ଗର ଝାଡଗ୍ରାମ ଥାନା ଅନ୍ତର୍ଗତ ଶାଳବଣୀ ଠାରେ କୁଡୁମି ସମାଜ ଓ କୁଡୁମି ସେନା ର ମିଳିତ ଆନୁକୁଲ୍ୟ ରେ ଏକ ବିଶାଳ ଜନସଭା ର ଆୟୋଜନ କରାଯାଇଥିଲା । ଏହି ସଭା ରେ ସହୀଦ ରଘୁନାଥ ମାହାତୋ ସ୍ୱାଧୀନତା ସଂଗ୍ରାମ ରେ ପ୍ରମୁଖ ଭୂମିକା ଓ ତାଙ୍କ ବଳିଦାନ ବାବଦ ରେ ବକ୍ତା ମାନେ ଆଲୋକପାତ କରିଥିଲେ । ବେଙ୍ଗଲ କୁଡୁମୀ ସମାଜ ର ଅଧକ୍ଷ ରାଜେଶ ମହାନ୍ତ ଙ୍କ ସଭାପତିତ୍ୟ ରେ ଅନୁଷ୍ଠିତ ଏହି ସଭା ରେ ଓଡ଼ିଶା ର କୁଡୁମି ସେନା ପ୍ରତିଷ୍ଠାତା ରାଜ୍ୟ ସଭାପତି ଜୈମୁନି କୁମାର ମହାନ୍ତ , ବୀରେନ ମହାନ୍ତ, କୌଶିକ ମହାନ୍ତ, ତାପଶି ମହାନ୍ତ, ଶିବାଜୀ ମହାନ୍ତ ପ୍ରମୁଖ ଯୋଗ ଦେଇ ସହିଦ ରଘୁନାଥ ମାହାତୋ ଙ୍କର ଦେଶ ମାତୃକା ପାଇଁ ତ୍ୟାଗ କୁ ସ୍ମରଣ କରିଥିଲେ। ଏହି ସଭା ରେ ଯୋଗ ଦେବା ପାଇଁ କୁଡୁମି ସେନା ର ଅନ୍ୟ ପ୍ରମୁଖ ନେତା ସାଇରାମ୍ ମହାନ୍ତ, ବିଶ୍ୱନାଥ ମହାନ୍ତ, ବିରେନ୍ଦ୍ର ମହାନ୍ତ, ବରୁଣ ମହାନ୍ତ, ଲୋକନାଥ ମହାନ୍ତ, ଆଶାର ମହାନ୍ତ, ସୁନ୍ଦରମୋହନ ମହାନ୍ତ , ବୁଲୁ ମହାନ୍ତ, କ୍ଷେତ୍ର ମହାନ୍ତ, ଝାଡେଶ୍ୱର ମହାନ୍ତ, ସିପୁନ ମହାନ୍ତ ମଧ ଯୋଗଦେଇଥିଲେ। ଏହି ଅବସର ରେ ଶାଳବଣୀ ଠାରେ ସହୀଦ ରଘୁନାଥ ମାହାତୋ ଙ୍କ ର ଏକ ବିଶାଳ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ରେ ଓଡିଶା,ଝାଡ଼ଖଣ୍ଡ, ବିହାର, ବେଙ୍ଗଲ, ଆସାମ ରୁ ବହୁ ମାତ୍ର ରେ ସବୁ କୁଡୁମୀ ଭାଇ ଭଉଣୀ ଯୋଗଦାନ କରିଥିଲେ।




# ବାଘାଯତୀନ ମଣ୍ଡଳରେ ୪୫ ତମ ବିଜେପି ପ୍ରତିଷ୍ଠା ଦିବସ ପାଳନ



ବାଲେଶ୍ୱର, ୦୭/୪ (ନି.ପ୍ର): ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଘାଯତୀନ ମଣ୍ଡଳ ୩୯ ନମ୍ବର ଜୋନ୍ ବାଲିଆ କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟିର ୪୫ ତମ ପ୍ରତିଷ୍ଠା ଦିବସ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଦିବା ୧୦ ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ବିଜେପି ପତାକା ଉତ୍ତୋଳନ କରିବା ସହିତ ସେଠାରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କ ସହ ସଙ୍ଗିକ 'ବନ୍ଦେ ମା ତରମ' ଗାନ କରିଥିଲେ। ଭାରତ ମାତା,ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ,ପଣ୍ଡିତ ଦିନଦୟାଲ ଉପାଧାୟ,ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରତିଷ୍ଠା ଦିବସର ମହତ୍ତ୍ୱ ସମ୍ପର୍କରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି,ପୂର୍ବତନ ସରପଞ୍ଚ ସଂଜିତ୍ ପ୍ରଧାନ,ରେମୁଣା ନିର୍ବାଚନ ମଣ୍ଡଳୀ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ଗିରି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ମଣ୍ଡଳ ସାଧାରଣ ସମ୍ପାଦକ ଉମାକାନ୍ତ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ୧୨ ଗୋଟି ପଞ୍ଚାୟତର ମୁଖ୍ୟକାର୍ଯ୍ୟକର୍ତ୍ତା ,ସରପଞ୍ଚ,ସମିତିସଭ୍ୟ, ମ ଣ୍ଡଳ ପଦାଧିକାରୀ,ପଞ୍ଚାୟତ ପ୍ରମୁଖ,ସହ ପ୍ରମୁଖ ଇତ୍ୟାଦି ଉପସ୍ଥିତ ଥିଲେ।

# ଗ୍ରୀଷ୍ମଋତୁ ଆରମ୍ଭରୁ କୁଳଡିହାରେ ଲାଗିଲା ନିଆଁ: ପଦାରେ ପଡ଼ିଲା ବନବିଭାଗର ଅପାରଗତା

ନୀଳଗିରି , ୦୭/୪ (ନି.ପ୍ର): ସବୁଜବନାନୀ ପରିବେଷ୍ଟିତ ନୀଳଗିରିର ପ୍ରକୃତିରାଣୀ କୁହାଯାଉଥିବା କୁଳଡିହାରେ ନିଆଁ ଲାଗି ଏକର ଏକର ଜଙ୍ଗଲ ନଷ୍ଟ ହୋଇଛି।୨୭୨.୭୫ ବର୍ଗ କିଲୋମିଟର ବ୍ୟାପ୍ତ କୁଳଡିହା ଅଭୟାରଣ୍ୟର ଝରଣାଘାଟି ବିଟ୍ ଅଧୀନ ଛତାହୁଡ଼ି ପାହାଡ ଯାହା ମୟୂରଭଞ୍ଜ ସୀମାନ୍ତ ଜଙ୍ଗଲରେ ଅସହ୍ୟ ଗ୍ରୀଷ୍ମପ୍ରବାହ କାରଣରୁ ହେଉ କିମ୍ବା କେହି ଦୁର୍ବୃତ୍ତର ହୀନ ପ୍ରୟାସ ଫଳରେ ନିଆଁ ଲାଗିବା ଫଳରେ ବହୁ ଉପକାରୀ ଗଛଲତା ପୋଡିଯାଇଥିବା ଦେଖିବାକୁ ମିଳିଛି।ସ୍ଥାନୀୟ ଅଞ୍ଚଳବାସୀ ନିଆଁ ଲାଗିଥିବା ଦେଖି ବନବିଭାଗକୁ ଅବଗତ କରିଥିଲେ ମଧ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚିନଥିବା ବେଳେ ଅଞ୍ଚଳବାସୀ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଛନ୍ତି।କଞ୍ଚାପତ୍ରରେ ନିଆଁକୁ ପିଟି ପିଟି ଲିଭାଇବା ସହିତ ଶୁଖିଲା ପତ୍ରକୁ ନିଆଁ ଠାରୁ ଦୂରେଇ ନିଆଁ ଲିଭାଇବାରେ ଲାଗିପଡିଛନ୍ତି । ବନବିଭାଗର ସଚେତନ ଅଭାବ ଯୋଗୁ ନିଆଁ ଲାଗିଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେବେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗକୁ ଆହୁରି ଅଧିକ ଗ୍ରୀଷ୍ମପ୍ରବାହ ହେବାର ଆଶଙ୍କା ଥିବାରୁ ବନବିଭାଗ ସତର୍କ ରହିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।



# ବାରମ୍ବାର ବିଦ୍ୟୁତ ବିଭ୍ରାଟ: ୪ ପରିକ୍ଷାର୍ଥୀନୀ ଅସୁସ୍ଥ

ଖଇରା, ୦୭/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା କଲେଜରେ +୨ବିଜ୍ଞାନ ପ୍ରଥମ ବର୍ଷ ପରୀକ୍ଷା ଦେଉଥିବା ୪ଜଣ ଛାତ୍ରୀ ଗୁରୁତର ହୋଇ ପଡିଥିଲେ । ଚିକିତ୍ସାପାଇଁ ସେମାନଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଛି । ଅସୁସ୍ଥ ହୋଇ ପଡିଥିବା ଏହି ଛାତ୍ରୀ ମାନେ ହେଲେ ରାଜଶ୍ରୀ ନାୟକ,ରୋଜାଲିନ ବେହେରା,ପ୍ରଭାଶିନୀ ବାରିକ ଓ ଗୀତାଞ୍ଜଳୀ ମହାକୁଡ । ତେବେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁଁ ଶ୍ରେଣୀ ଗୃହରେ ଫ୍ୟାନ ବନ୍ଦ ହୋଇରହିବା ଏଭଳି ପରିସ୍ଥିତି ପାଇଁ ଦାୟି ବୋଲି ଅବିଭାବକ ଶରତ କୁମାର ନାୟକ,ବିଜୟ କୁମାର ବେହେରା,ସଂଯୁକ୍ତା ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ କରାଯାଉଥିବା ଏହି ପରୀକ୍ଷା ରେ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଦାବୀ ହୋଇଛି ।

# ମନୋଜ ପତିଙ୍କ ବିୟୋଗରେ ଶୋକ

ଜଳେଶ୍ୱର , ୦୭/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମର ମନୋଜ କୁମାର ପତି (୫୪)ଙ୍କ ବିୟୋଗରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ପଣ୍ଡିତ ସ୍ୱର୍ଗତ ଭୋଳାନାଥ ପତିଙ୍କ ୨ୟ ପୁତ୍ର ମନୋଜ ଜଣେ ମେଳାପି, ମିଷ୍ଟଭାଷୀ, ପରପୋକାରୀ ବ୍ୟକ୍ତିଭାବେ ବେଶ ପରିଚିତ ଥିଲେ । ସେ ଅସୁସ୍ଥ ଥାଇ ଭୁବନେଶ୍ୱରରେ ଚିକିତ୍ସିତ ଥିବାବେଳେ ଗତକାଲି ଅପରାହ୍ନରେ ତାଙ୍କର ଦେହାନ୍ତ ହୋଇଥିଲା । ଏହି ଖବର ପ୍ରଚାରିତ ହେବାପରେ ଗ୍ରାମର ବହୁ ଲୋକଙ୍କ ସହିତ ସରପଂଚ ତପନୀ ଭୂୟାଁ, ସମାଜସେବୀ ମନୋଜ ଭୂୟାଁ, ଶ୍ରୀକଣ୍ଠ ମହାନ୍ତି, ହରିନାରାୟଣ ଦାସମହାପାତ୍ର, ନରହରି ପତି, ପ୍ରଫୁଲ୍ଲ ବେହେରା, ନରୋତ୍ତମ ଚକ୍ରବର୍ତ୍ତୀ, ଓ୍ୱାର୍ଡସଭ୍ୟ ଭାରତୀ ବାରିକ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ଏକମାତ୍ର ପୁତ୍ର ଦେବାଶିଷ ମୁଖାଗ୍ନି ଦେଇଥିଲେ ।

# ଡଗରା, ଯମୁନାଶୋଳ ଓ କଷାଫଳରେ ବାରୁଣୀ ସ୍ନାନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ଲଙ୍ଗଳେଶ୍ୱର ୬/୪(ନିପ୍ର): ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ କଷାଫଳ ବାଲିଆପାଳ ବ୍ଲକର ଡଗରା, ଯମୁନାଶୋଳ ବେଳାଭୂମି ରେ ସମୁଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା କରି ଲକ୍ଷାଧିକ ଶ୍ରଦ୍ଧାଳୁ ମହୋଦଧିରେ ସ୍ନାନ କରିଥିଲେ। ବାରୁଣୀ ସ୍ନାନ କରିବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଭକ୍ତ ଏହି ମହାସ୍ନାନ ରେ ସାମିଲ ହୋଇଥାନ୍ତି। ଶନିବାର ସକାଳୁ ସ୍ନାନ କରିବା ସମୟ ଥିବାରୁ ଶୁକ୍ରବାର ଦିନ ତମାମ ଲୋକମାନେ ସମୁଦ୍ର କୋଳ କୁ ଛୋଟି ଥିଲା । ସମୁଦ୍ର ବେଳାଭୂମିରେ ଭଳିକି ଭଳି ସାମଗ୍ରୀ ଜଳଖିଆ ଦୋକାନ ବସିଥିଲା ଯମୁନାଶୋଳ ବେଳାଭୂମି ରେ ମହୋତ୍ସବ ଆୟୋଜନ କରି ହଜାର ହଜାର ଭକ୍ତଙ୍କ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ। ସେହିପରି କଷାଫଳ ଚୈତନ୍ୟ ଦେବଙ୍କ ପ୍ରାଙ୍ଗଣରେ ପ୍ରସାଦ ସେବନ ବ୍ୟବସ୍ଥା କରିଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳ ଛତ୍ର ଖୋଲାଯାଇଥିଲା। ଲଙ୍ଗଳେଶ୍ୱର ଠାରୁ କଷାଫଳ ରାସ୍ତା ର ପ୍ରଶସ୍ତିକରଣ କାର୍ଯ୍ୟ ହେଉଥିବାରୁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡିଥିଲା।ସମସ୍ତ ସ୍ଥାନରେ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା।

# ବସ୍ତାରୁ ହରିଣ ଉଦ୍ଧାର: ବନବିଭାଗକୁ ହସ୍ତାନ୍ତର କଲେ ଗ୍ରାମବାସୀ



ଲଙ୍ଗଳେଶ୍ୱର, ୦୭/୪ (ନି.ପ୍ର): ବସ୍ତା ଥାନା ଦରଡ଼ା ପଞ୍ଚାୟତ ଦାଣ୍ଡି ଧାନ ବିଲରେ ଆଜି ଅପରାହ୍ନ ସମୟରେ ଏକ ହରିଣ ଚରୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ଗ୍ରାମବାସୀ ହରିଣ ଟିକୁ ସୁରକ୍ଷିତ ଭାବେ ଧରିବାକୁ ପ୍ରୟାସ କରିଥିଲେ। ହରିଣଟି ଏଣେ ତେଣେ ଦୌଡ଼ି ଦୌଡ଼ି ଶେଷରେ ଜାଲରେ ଛନ୍ଦି ହୋଇଥିଲା। ପରେ ଗ୍ରାମବାସୀ ହରିଣ ଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ଖବର ପାଇ ଦାଣ୍ଡି ଗ୍ରାମରେ ପହଞ୍ଚି ହରିଣଟିକୁ ଏକ ଡାଲା ପୀକ ଅପ୍ ରେ ନେଇଥିବା ଦେଖିବାକୁ ମିଳିଥିଲା। ବନବିଭାଗ ପିଜଂରା ଥିବା ଗାଡ଼ିରେ ବନ୍ୟ ଜୀବଜନ୍ତୁଙ୍କୁ ଉଦ୍ଧାର କରାଯିବାର ବ୍ୟବସ୍ଥା ରହିଥିବା ବେଳେ ଏଭଳି ଦାଇତ୍ୱ ହୀନତା କାର୍ଯ୍ୟପାଇଁ ନଳବାହର ଠାରୁ ଉଦ୍ଧାର ଡଲଫିନ ରାସ୍ତାରେ ମରିଥିଲା। ତେବେ ବନବିଭାଗର ଏଭଳି ଖାମଖିଆଲ ନୀତିକୁ ଗ୍ରାମବାସୀ ବିରୋଧ କରିଥିଲେ। ତେବେ ଦାଣ୍ଡି ଗ୍ରାମରୁ ପଡୋଶୀ ମୟୁରଭଂଜ ଜଙ୍ଗଲକୁ ଅନ୍ୟୁନ ତିରିଶ କିଲୋମିଟର ହୋଇଥିବା ସ୍ଥଳେ ମୟୁରଭଂଜ ଓ ବାଲେଶ୍ୱର କୁ ଘେରି ରହିଛି ଦକ୍ଷିଣ ପୂର୍ବ ରେଳ ଓ ୧୬ ନମ୍ବର୍ ଜାତୀୟ ରାଜପଥ। ହରିଣଟି କିଭଳି କେଉଁ ସ୍ଥିତିରେ ଏଠାକୁ ଆସିଲା ତାହାର ତଦନ୍ତ କରୁଛି ବନବିଭାଗ।

# ଏସଏଚଜି ଗ୍ରୁପକୁ ମହାସଙ୍ଗରେ ଅନ୍ତର୍ଭୂକ୍ତ କରିବାକୁ ବିଡ଼ିଓଙ୍କୁ ଦାବି: ମିଶନ ଶକ୍ତି ଅଧିକାରୀଙ୍କ ମନମାନି କାର୍ଯ୍ୟ

ବସ୍ତା , ୦୭/୪ (ନି.ପ୍ର): ବାଲିଆପାଳ ବ୍ଲକ ମିଶନ ଶକ୍ତି କର୍ମଚାରୀ ମାନଙ୍କ ମନ ମୁଖି କାର୍ଯ୍ୟଙ୍କୁ କୁଣ୍ଡୁଳି ପଞ୍ଚାୟତ ଇନ୍ଦିପଡ଼ା ଗ୍ରାମର ହର ପାର୍ବତୀ ଏସ ଏଚ ଜି ଗୋଷ୍ଠି ମହିଳା ମାନଙ୍କ ଦ୍ୱାରା ବିକ୍ଷୋଭ । ଇନ୍ଦିପଡ଼ା ଗ୍ରାମ ରେ ଥିବା ଉଜଚ ରାଜେଶ୍ୱରି ସାହୁ ଏବଂ ପଞ୍ଚାୟତର ଥିବା ମହାସଂଘର ସମ୍ପାଦିକା ରମିତା ନାୟକ ସଭାପତି ନିରୁପମା ବେହେରା କିଛି ସ୍ୱାଥ ର ବସ ବତ ହଇ। ମହାସଂଘ ରେ ସାମିଲ କରୁନାହାନ୍ତି। ମିଶନ ଶକ୍ତି ଅଧିକାରୀ ରାଜକିଶୋର ପ୍ରଧାନଙ୍କୁ ଏ ବାବଦରେ ବାରମ୍ବାର ଅଭିଯୋଗ ପରେ ଆଜି ପ୍ରଯ୍ୟନ୍ତ କିଛି ସୁଫଳ ମିଳି ନଥିବା ଏସ ଏଚ ଜି ମହିଳା ମାନେ କହିଛନ୍ତି । ମିଶନ ଶକ୍ତି ଦ୍ୱାରା ପଞ୍ଚାୟତ ରେ ମିଳୁଥିବା ସରକାରଙ୍କ ଯୋଜନାରୁ ବଞ୍ଚିତ ହେଉଥିବା କହିଛନ୍ତି । ଏବିଷୟରେ ବାଲିଆପାଳ ବିଡ଼ିଓ ଙ୍କ ସହିତ ଆଲୋଚନା ପରେ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା କହି ଥିଲେ ଯେ ଯାହା ଅଭିଯୋଗ ଅଛି ତାହା ଲେଖା ସାହାଯ୍ୟରେ ଏକ ଦରଖାସ୍ତ ଦିଅନ୍ତୁ। ମୁଁ ରାଜକିସୋର ସହିତ ଆଲୋଚନା କରିବି । ଶେଷରେ ବିଡ଼ିଓଙ୍କ ଉଦେଶ୍ୟରେ ଏକ ଦରଖାସ୍ତ ଦେଇଛନ୍ତି। ଏବାବଦରେ କିଛି ସମାଧାନ ହୋଏ ନାହିଁ ତେବେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ହର ପାର୍ବତୀ ଏସ ଏଚ ଜି ଗୋଷ୍ଠି ମହିଳା ମାନେ ଚେତାବନୀ ଦେଇଛନ୍ତି ।



# ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଁ ସ୍କୁଲ ସମୟ ପରିବର୍ତ୍ତନ

ଭଦ୍ରକ, ୦୭/୪ (ନି.ପ୍ର): ଭାରତ ପାଣିପାଗ ବିଭାଗ, ଭୁବନେଶ୍ୱର ର ସ୍ୱତନ୍ତ୍ର ବୁଲେଟିନ୍ ଆଧାରରେ ଭଦ୍ରକ ଜିଲ୍ଲାରେ ସ୍କୁଲ ସବୁର ଖୋଲା ରହିବା ସମୟର ପରିବର୍ତ୍ତନ କରାଯାଇଛି। ଗତ ତା.୦୫.୦୪.୨୦୨୪ ରିଖ ଅପରାହ୍ନ ୩ ଘଟିକାରେ ଉକ୍ତ ବିଭାଗୀୟ ବୁଲେଟିନ୍ ଅନୁଯାୟୀ ଗ୍ରୀଷ୍ମ ପ୍ରବାଦ ବୃଦ୍ଧି ଜନିତ ପରିସ୍ଥିତି ସୃଷ୍ଟି ହେବାର ସୂଚନା ଥିବାରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍କୁଲ ସମୟ ନିର୍ଦ୍ଧାରଣ ନେଇ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅନୁମୋଦନ କ୍ରମେ ସକାଳ ଘ. ୬.୩୦ ମି ରୁ ପୂର୍ବାହ୍ନ ଘ. ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାର ସମସ୍ତ ସରକାରୀ, ଘରୋଇ, ଅନୁଦାନପ୍ରାପ୍ତ ୧ମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ, ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଖୋଲା ରହିବା ନେଇ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଆଦେଶ ଜାରି ରହିବ। ପୁଣି ଗ୍ରୀଷ୍ମ ପ୍ରବାହ ବୃଦ୍ଧି ଜନିତ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ଶିକ୍ଷାନୁଷ୍ଠାନରେ ନିରାପଦ ପାନୀୟ ଜଳ, ଓ.ଆର.ଏସ୍. ପ୍ୟାକେଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଆନୁସଙ୍ଗିକ ବ୍ୟବସ୍ଥା ମହଜୁଦ ରଖିବାକୁ ସମସ୍ତ ପ୍ରଧାନ ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରିନିସପାଲ ମାନଙ୍କୁ କୁହାଯାଇଛି। ଛାତ୍ରାବାସ ବା ଆବାସିକ ବ୍ୟବସ୍ଥା ଥିବା ସ୍କୁଲ ମାନଙ୍କରେ ମଧ ଯଥେଷ୍ଟ ଜଳ, ଓ.ଆର.ଏସ୍. ଓ ଫାଷ୍ଟଏଡ୍ ବାକ୍ସ ସୁବିଧା ଉପଲବ୍ଧ ନେଇ ନିଶ୍ଚିତତା କରାଇବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ସ୍କୁଲରେ ପାଠପଢ଼ା ସମୟରେ ବା ଉକ୍ତ ସମୟ ବାହାରେ କୌଣସି କ୍ରୀଡ଼ା, ଡ୍ରିଲ ଆଦିକୁ ପିଲାମାନଙ୍କ ପାଇଁ ନିଷେଦ୍ଧ କରାଯାଇଛି। ସଂପୃକ୍ତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ମୁଖ୍ୟମାନେ ନିୟମନିଷ୍ଠ ଭାବେ ଏହି ଆଦେଶାନାମାକୁ ଅନୁପାଳନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

# ୮ ତାରିଖରୁ ମୟୂରଭଞ୍ଜର ସବୁ ଶିକ୍ଷାନୁଷ୍ଠାନ ସକାଳ ୬.୩୦ରୁ ୧୦.୩୦

ବାରିପଦା, ୦୭/୪ (ନି.ପ୍ର): ସମଗ୍ର ଜିଲ୍ଲାରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ (ଭା.ପ୍ର.ସେ) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ, ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅଙ୍ଗନବାଡି କେନ୍ଦ୍ର ସକାଳ ୬.୩୦ ରୁ ସକାଳ ୧୦.୩୦ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ। ଜିଲ୍ଲାପାଳଙ୍କର ଏହା ମଧ ନିର୍ଦ୍ଦେଶ ରହିଛି ଯେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ଶ୍ରମ ଭିତ୍ତିକ କାର୍ଯ୍ୟ ଯେପରି ନ କରାଯାଏ। ପ୍ରକାଶ ଥାଉକି, ଆସନ୍ତା ୮ ତାରିଖରୁ ଏହି ନିୟମ ସମଗ୍ର ଜିଲ୍ଲାରେ ଲାଗୁ ହେବ ଏବଂ ଏହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ପ୍ରାପ୍ତ ହୋଇଛି।

# ବିଶିଷ୍ଟ କଳାକାର ସୌରୀ ପରିଡାଙ୍କ ମୃତ୍ୟୁରେ ଶୋକ

ଜଳେଶ୍ୱର , ୦୭/୪ (ନି.ପ୍ର): ଜଳେଶ୍ୱର ବ୍ଲକା ଅଲାଲପୁର ସେବା ସମବାୟ ସମିତିର ପୂର୍ବତନ ସଭାପତି ତଥା ବିଶିଷ୍ଟ କଳାକାର ସୌରୀ ଶଙ୍କର ପରିଡା(୬୨)ଙ୍କ ହୃଦ୍‌ଘାତରେ ଦେହାନ୍ତ ହୋଇ ଯାଇଛି । ନହଞ୍ଜରା ନିବାସୀ ସ୍ୱର୍ଗତ ପରିଡା ଜଣେ ବିଶିଷ୍ଟ ମଂଚ କଳାକାର ଭାବେ ଏହି ଅଂଚଳରେ ବେଶ ସୁଖ୍ୟାତି ଅର୍ଜନ କରିଥିଲେ । ସେବା ସମବାୟ ସମିତିରେ ସଭାପତିଭାବେ କାର୍ଯ୍ୟକରି ସମସ୍ତ ଚାଷୀଙ୍କ ପ୍ରିୟଭାଜନ ହୋଇପାରିଥିଲେ । ସେ ଜଣେ ମେଳାପି, ପରପୋକାରୀ, ସମାଜସେବୀ ବ୍ୟକ୍ତିଭାବେ ତାଙ୍କୁ ସମସ୍ତେ ଜାଣିଥିଲେ । ଜାତୀୟ ସ୍ତରର କଣ୍ଠଶିଳ୍ପୀ ପୁତ୍ର ରୂପକ କୁମାର ପରିଡା ଗ୍ରାମ୍ୟ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ । ତାଙ୍କର ଦେହାନ୍ତରେ ଶୋକରଛାୟା ଖେଳି ଯାଇଛି । ତାରିଣୀ ଛକନିକଟରେ ଥିବା ବାସଭାବନକୁ ବିଶିଷ୍ଟ ନାଟ୍ୟନିର୍ଦ୍ଦେଶକ ରାଧାକୃଷ୍ଣ ଗିରି, ଅନିଲ ପରିଡା ଓ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଆସି ତାଙ୍କର ଶେଷ ଦର୍ଶନ କରିଛନ୍ତି ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୦ମ ଦିନ - ଟିମ-ଡି ୫ ଉଇକେଟରେ ବିଜୟୀ

ବାରିପଦା , ୦୭/୪ (ନି.ପ୍ର): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୦ମ ଦିନର ମ୍ୟାଚରେ ଟିମ - ଡି ଟିମ - ସି କୁ ୫ ଉଇକେଟରେ ପରାସ୍ତ କରିଛି ଓ ପ୍ରଥମେ ବ୍ୟାଟିଂ କରି ଟିମ - ସି ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଅଭିଷେକ ଶର୍ମା ଅପରାଜିତ ୩୨ ରନ କରିଥିବା ବେଳେ ବିପକ୍ଷ ଦଳର ରୁଚିକା ମଣ୍ଡଳ, ମହେନ୍ଦ୍ର କୁମାର ଦେ ଓ ଶୁଭମ ସାନ୍ତରା ୩ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ଟିମ - ଡି ୧୫.୪ ଓଭରରେ ୫ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିପାରିଥିଲେ ଓ ଦଳ ପକ୍ଷରୁ ରୁଚିକା ମଣ୍ଡଳ ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ସୁରାଇ ହେମ୍ବ୍ରମ ଓ ଦିବ୍ୟାଂଶୁ ପଣ୍ଡା ୨ ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ ଓ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ ଓ ଜିଲ୍ଲା ବାର ଏସୋସିଏସନର ସମ୍ପାଦକ ବିପ୍ଳବ ବାରିକ, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମର ଦାସ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ବରିଷ୍ଠ ସଭ୍ୟ ଉମେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଆସନ୍ତା କାଲି ଟିମ - ଏ ଓ ଟିମ - ବି ମଧ୍ୟରେ ଫାଇନାଲ ମ୍ୟାଚ ସକାଳ ୭ ଟା ରୁ ୧୧ ମଧ୍ୟରେ ଖେଳାଯିବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo